## ସଂକ୍ଷେପରେ

### ହଂସିନୀ ପିନ୍ଧିଲେ ବିଜେତା ମୁକୁଟ



ବାଲେଶ୍ୱର ଅଫିସ, ୧୭।୩-ବାଲେଶ୍ୱର କଚେରି ବଜାର ସ୍ଥିତ ପ୍ରଶାନ୍ତ ପ୍ରଧାନ ଓ ଭବାନୀ ପ୍ରଧାନଙ୍କ କନିଷ୍ଠକନ୍ୟା ହଂସିନୀ (୬) ବମ୍ବେରେ ଅନୁଷ୍ଠିତ ସର୍ବଭାରତୀୟ ଶୋ ଷ୍ଟପର ମଡ଼େଲିଂ ପ୍ରତିଯୋଗିତାରେ ଭାଗନେଇ ମିସ୍ ଶୋ ଷ୍ଟପର ଜୁନିୟର କ୍ରାଉନ ବିଜେତା ହେବାର ଗୌରବ ଅର୍ଜନ କରିଥାନ୍ତି। ଏହାସହ ସେ ନୃତ୍ୟ ପ୍ରତିଯୋଗିତାରେ ମଧ ପ୍ରଥମ ହୋଇ ଟ୍ରଫି ହାସଲ କରିଛନ୍ତି। ଗତ ୧୪ ତାରିଖରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ବାଲେଶ୍ୱରର ଟିକ୍ ଟକ୍ ଗାର୍ଲ ଭାବେ ସୁପରିଚିତ ହଂସିନୀ ୨୦୧୮ରେ ବମ୍ବେରେ ଅନୁଷ୍ଠିତ ଇଣ୍ଡିଆ ଟାଲେଣ୍ଟ ସମ୍ରାଟ ମଡ଼େଲିଂରେ ଜୁନିୟର ଟାଇଟଲ ଓ ୨୦୧୯ରେ ସିମଲାଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ହାସଲ କରି ଟ୍ରଫି ହାସଲ କରିଥିଲେ। ୨୦୨୦ ଜାନୁୟାରୀରେ ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ପ୍ରତିଯୋଗିତାରେ ଟିକ୍‌ଟକ୍ କୁଇନ୍ ଭାବେ ପୁରସ୍କୃତ ହୋଇଥିଲେ।

### ନିଖୋଜ ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର

ବାହାନଗା, ୧୭।୩(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକ କୁରୁଡା ପଞ୍ଚାୟତ ୭ ନମ୍ବର ୱାର୍ଡର ନିଖୋଜ ଥିବା ଶମ୍ଭୁନାଥ ନାୟକ(୫୫) ନାମକ ବ୍ୟକ୍ତିଙ୍କ ଗଳିତ ମୃତଦେହ ଗ୍ରାମ ପରିତ୍ୟକ୍ତ ପୋଖରୀରୁ ଉଦ୍ଧାର କରାଯାଇଛି। ପୋଲିସ୍ ଖବରପାଇ ଦୀର୍ଘ ସମୟ ଧରି ନ ଆସିବାରୁ ଗ୍ରାମର ଯୁବକମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ପରେ ଅପରାହ୍ନ ୧ଟାରେ ସୋର ଥାନା ପୋଲିସ୍ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ଓ ଲୋକେ ରାସ୍ତା ଅବରୋଧରୁ ହଟିଥିଲେ। ଶମ୍ଭୁନାଥ ଗତ ୧୫ତାରିଖରୁ ନିଖୋଜ ଥିଲେ। ମଙ୍ଗଳବାର ସକାଳେ ଗ୍ରାମବାସୀ ହନୁମାନ ମନ୍ଦିର ନିକଟସ୍ଥ ଏକ ପରିତ୍ୟକ୍ତ ପୋଖରୀରେ ମଣିଷ ମୁଣ୍ଡ ଭାସୁଥିବା ଦେଖିବାକୁ ପାଇଥିଲେ।

### ସିଏଏ, ଏନ୍‌ଆର୍‌ସିକୁ ବିରୋଧ କରି ୩ ଯୁବକ ହଟହଟା

ବାଲେଶ୍ୱର ଅଫିସ, ୧୭।୩-ବାଲେଶ୍ୱର କଚେରି ହତାରେ ଥିବା ୨ନମ୍ବର ବାର୍ ପରିସରରେ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ବୋଲି ପରିଚୟ ଦେଇ ୩ଜଣ ମଙ୍ଗଳବାର ସନ୍ଧ୍ୟାରେ ଆଇନଜୀବୀଙ୍କୁ ସିଏଏ, ଏନ୍‌ଆର୍‌ସି, ଏନ୍‌ପିଆର୍‌କୁ ବିରୋଧରେ ସ୍ୱର ଉତ୍ତୋଳନ କରି ଉତ୍ତେଜନାମୂଳକ ବାତାବରଣ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ। ଆଇନଜୀବୀମାନେ ଏହାକୁ ବିରୋଧ କରି ସେମାନଙ୍କର ପ୍ରକୃତ ପରିଚୟ ପଚାରିବାରୁ ସେମାନେ ଠିକ୍ ଭାବେ ଉତ୍ତର ଦେଇପାରି ନ ଥିଲେ। ଆଇନଜୀବୀମାନେ ତାଙ୍କୁ ଅଟକାଇ ସହଦେବଖୁଣ୍ଟା ମଡ଼େଲ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଥାନାକୁ ନେଇଛି।

### ଝୁଲି ରହିଛି ୧୧ କେଭି ବିଦ୍ୟୁତ୍ ତାର

ଖଇରା, ୧୭।୩(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରୁଢ଼ିଙ୍ଗିଆ ଗ୍ରାମ ସଂଲଗ୍ନ ସ୍କୁଲ ପଡିଆ ମଝିରେ ଯାଇଥିବା ବିଦ୍ୟୁତ ତାର ତଳକୁ ଝୁଲି ରହିଛି। ଫଳରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛି। ବାରମ୍ବାର ନେସ୍କୋକୁ ଜଣାଇବା ସତ୍ତ୍ୱେ ଏଥିପ୍ରତି ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏହି ପଡିଆକୁ ଉଭୟ ନିକଟସ୍ଥ ସ୍କୁଲ ପିଲା ଓ ସ୍ଥାନୀୟ ଯୁବକ ଖେଳାଖେଳି ପାଇଁ ବ୍ୟବହାର କରିଥାନ୍ତି। ହେଲେ ବର୍ତ୍ତମାନ ବିଦ୍ୟୁତ ତାର ବିପଜ୍ଜନକ ସ୍ଥିତିରେ ଥିବାରୁ ସମସ୍ତେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଯଦି କିଛି ଦୁର୍ଘଟଣା ଘଟେ ଏଥିପାଇଁ ବିଦ୍ୟୁତ ବିଭାଗ ଦାୟୀ ରହିବ ବୋଲି ସ୍କୁଲ ପରିଚାଳନା କମିଟି ସଭାପତି ଅନାଦି ଧଡା, ଗ୍ରାମମୁଖିଆ ମଣିଭଦ୍ର ଧଡା ଓ ଯୁବନେତା ନରେନ୍ଦ୍ର ବରାଳ ଚେତାବନୀ ଦେଇଛନ୍ତି।

# ଦୁର୍ଦ୍ଦିନରେ କୁମ୍ଭକାର ପରିବାର

ଜନ୍ମେଜୟ ମିଶ୍ର
ସୋର, ୧୭।୩

ବାଲେଶ୍ୱର ଜିଲା ଔପଦା ବ୍ଲକ ଅଧୀନ ପାହାଡିଆ ଗାଁ ରଙ୍ଗାମାଟିଆ। ଗାଁଠାରୁ ପଞ୍ଚାୟତ ଶ୍ୟାମସୁନ୍ଦରପୁରର ଦୂରତା ୨୦ରୁ ୨୫ କି.ମି. ହୋଇଥିବାବେଳେ ଔପଦା ବ୍ଲକ ହେଡକ୍ୱାର୍ଟର ଦୂରତା ୩୦ରୁ ୩୫ କି.ମି.। ଭୌଗୋଳିକ ଦୃଷ୍ଟିକୋଣରୁ ଏହି ଗାଁ ସୋର ବ୍ଲକ ସିଙ୍ଗାଖୁଣ୍ଟା ଓ ମହୁମୁହାଣ ପଞ୍ଚାୟତ ନିକଟରେ ରହିଛି। ଫଳରେ ଗ୍ରାମର ଲୋକେ କିଣାବିକା ପାଇଁ ସୋର ବ୍ଲକର ବାଗୁଡ଼ିବଜାର ଉପରେ ନିର୍ଭର କରିଥାନ୍ତି। ଗ୍ରାମର ୮୦ ପରିବାର ମଧ୍ୟରୁ ୭୦ଭାଗ କୁମ୍ଭକାର। ଅବଶିଷ୍ଟ ଆଦିବାସୀ ସମ୍ପ୍ରଦାୟର। ଖର୍ଚ୍ଚ ଅନୁସାରେ କମ୍ ପାରିଶ୍ରମିକ ମିଳୁଥିବାରୁ ଅନେକ କୁମ୍ଭକାର ବୃତ୍ତି ହରାଇଛନ୍ତି। ମାତ୍ର ୧୨ ପରିବାର ଏବେ ଏହି ବୃତ୍ତିକୁ ଆଦରି ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ସରକାରଙ୍କ ପକ୍ଷରୁ ବିକ୍ରିବଟା ଲାଗି ବଜାର ସୁବିଧା କରାଗଲେ ଉପକୃତ ହୋଇପାରନ୍ତେ ବୋଲି କୁମ୍ଭକାରମାନେ କହିଛନ୍ତି।

ଦିନକୁ ଦିନ ମାଟି ତିଆରି ସାମଗ୍ରୀର ଆଦର କମିଆସୁଥିବାରୁ କୌଳିକ ବୃତ୍ତି ପ୍ରତି ଆଗ୍ରହ ହେଉ ନ ଥିବା ଗ୍ରାମର



ସାମଗ୍ରୀ ତିଆରି କରୁଛନ୍ତି କୁମ୍ଭକାର ଚରଣ ବେହେରା।

- ପାହାଡ଼ିଆ ଗାଁ ରଙ୍ଗାମାଟିଆ
- ଖର୍ଚ୍ଚ ଅନୁସାରେ ପାଉଛନ୍ତି କମ୍ ପାରିଶ୍ରମିକ

ବୟୋଜ୍ୟେଷ୍ଠ ବ୍ୟକ୍ତି ଚରଣ ବେହେରା (୭୨) କୁହନ୍ତି। ତାଙ୍କ ବାପାଙ୍କ ଅମଳରୁ ଦୀର୍ଘ ୬୦ ବର୍ଷ ହେବ ସେ ଏହି କାମ କରିଆସୁଛନ୍ତି। ତାଙ୍କର ତିନିପୁଅ ଜଳଧର, ଶ୍ରୀଧର, ଲମ୍ବୋଧର ତାଙ୍କୁ କାମରେ ସାହାଯ୍ୟ କରିଥାନ୍ତି। ବାହାରୁ ବେପାରୀମାନେ ଆସି ତାଙ୍କଠାରୁ ମାଟିପାତ୍ରକୁ କିଣି ନେଇଥାନ୍ତି। ବିଶେଷ କରି ପର୍ବପର୍ବାଣି ସମୟରେ ଭଲ ବ୍ୟବସାୟ ହୋଇଥାଏ। ଅନ୍ୟ ସମୟରେ ପ୍ରସ୍ତୁତ ସାମଗ୍ରୀ ଦୀର୍ଘଦିନ ଧରି ପଡ଼ିରହେ। ସେ କୁହନ୍ତି, ମାଟିକୁ କିଣି ଘରକୁ ଆଣିବା ପରେ ତାହାକୁ ଶୁଖାଇ ପଥର, ରେଙ୍ଗୁଟି ବାଛି କାଦୁଅ କରାଯାଇଥାଏ। ଏହାକୁ ଚକିରେ ପକାଇ ବିଭିନ୍ନ ସାମଗ୍ରୀ ହାଣ୍ଡି, କଢ଼ା, ମାଟିଆ, ସୁରେଇ, ଦୀପ ଆଦି ପ୍ରସ୍ତୁତି କରି ଶୁଖାଇ ଦିଆଯାଇଥାଏ। ପରେ ଏହାକୁ ଭାଟିରେ ସଜାଇ ରଖି ମାଟିରେ ଲେପଦେଇ କାଠରେ ଚୁଲାରେ ରଖି ନିଆଁ ଲଗାଯାଇଥାଏ। ନିଆଁ ଲିଭିଲା ପରେ ଭାଟି ଖୋଲାଯାଏ। ଏହି ସାମଗ୍ରୀ ତିଆରି ପାଇଁ ଯେତିକି ଖର୍ଚ୍ଚ ହେଉଛି ସେହି ଅନୁସାରେ ଲାଭ ମିଳୁନି ବୋଲି ଗ୍ରାମର ଶଙ୍କର ବେହେରା, ଲକ୍ଷ୍ମୀଧର ବେହେରା, ପବନ ବେହେରା, ରାଜେନ୍ଦ୍ର ବେହେରା, ଶ୍ରୀଧର ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି। ଏହି ଗ୍ରାମରେ ଅନ୍ୟାନ୍ୟ ସମସ୍ୟା ମଧ୍ୟ ରହିଛି। ନିର୍ବାଚନ ସମୟରେ ଆସୁଥିବା ନେତାମାନେ କେବଳ ପ୍ରତିଶ୍ରୁତି ଦେଇ ଚାଲିଯାଇଥାନ୍ତି ବୋଲି ଗ୍ରାମବାସୀ କୁହନ୍ତି। ବିଶେଷ କରି ପାଇପ୍ ପାଣି ପାଇଁ ଗ୍ରାମବାସୀ ଚାତକ ଭଳି ଚାହିଁ ବସିଛନ୍ତି। ଦୀର୍ଘ ଏକବର୍ଷ ହେବ ପାଇପ୍ ପାଣି ପାଇଁ ପାଇପ୍ ବିଛାଯାଇଥିଲେ ମଧ ଏଥିରୁ ଗ୍ରାମବାସୀ ବଞ୍ଚିତ ରହିଛନ୍ତି। ଗ୍ରାମରେ ମାତ୍ର ତିନୋଟି ନଳକୂପ ଥିବାରୁ ପାଣି ନେବା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ନଳକୂପଗୁଡ଼ିକ ଘରଠାରୁ ଯଥେଷ୍ଟ ଦୂରରେ ରହିଛି। ଗ୍ରାମରେ ଆହୁରି ନଳକୂପର ଆବଶ୍ୟକତା ଅଛି ବୋଲି ଗ୍ରାମର ନିରଞ୍ଜନ ବେହେରା, ଇନ୍ଦ୍ର ବେହେରା, କବିତା ବେହେରା, ଦୂତୀ ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି। ପ୍ରଶାସନ ପକ୍ଷରୁ କେହି ଆସି ତାଙ୍କର ସୁବିଧା ଅସୁବିଧା ବୁଝନ୍ତି ନାହିଁ ବୋଲି ଚରଣ ବେହେରା କୁହନ୍ତି।

## ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

**କିରୋସିନ ଢାଳି ସ୍ତ୍ରୀଙ୍କୁ ପୋଡ଼ି ହତ୍ୟା ମାମଲା**

ବାଲେଶ୍ୱର ଅଫିସ, ୧୭।୩

ସ୍ତ୍ରୀଙ୍କୁ କିରୋସିନ ଢାଳି ପୋଡି ହତ୍ୟା ମାମଲାର ବିଚାର କରି ବାଲେଶ୍ୱର ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ୍ ସୁବାସ କୁମାର ବିହାରୀ ତାଙ୍କ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧ଲକ୍ଷ ଟଙ୍କା ଜରିମାନା ଦେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦାୟ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଶାଶୁ ଶ୍ୱଶୁରଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି।

୨୦୧୪ରେ ରେମୁଣା ଥାନା କାଠସଙ୍ଗଡ଼ା ଗ୍ରାମର କାଶୀନାଥ ଜେନା ତାଙ୍କ ଝିଅ ଜୟନ୍ତୀଙ୍କୁ ସଦର ଥାନା ଔପାଳ ଗାଁର ଶରତ ଜେନାଙ୍କୁ ବୈଦିକ ରୀତି ଅନୁଯାୟୀ ଯାନିଯୌତୁକ ଦେଇ ବିବାହ ଦେଇଥିଲେ। କିଛିଦିନ ପରେ ଜୟନ୍ତୀ ପାସବୁକ୍‌ରେ ରଖିଥିବା କିଛି ଟଙ୍କା ନେବା ପାଇଁ ସ୍ୱାମୀ ବାରମ୍ବାର ପାସବୁକ୍ ମାଗିଥିଲେ। ସେ ନ ଦେବାରୁ ସ୍ୱାମୀ ଓ ଶାଶୁ ଶ୍ୱଶୁର ତାଙ୍କ ସହ ଗଣ୍ଡଗୋଳ କରିବା ସହ ମାରପିଟ କରିଥିଲେ। ଏପରି କି ଜୟନ୍ତୀ ବାପଘରକୁ ପଳାଇ ଆସିଲେ ମଧ ବାପଘର ଲୋକେ ତାଙ୍କୁ ବୁଝାଇ ଶ୍ୱଶୁରଘରକୁ ପଠାଇ ଦେଉଥିଲେ। ଗତ ୨୦୧୭ ଫେବୃୟାରୀ ୮ ତାରିଖରେ ଜୟନ୍ତୀଙ୍କୁ ଶାଶୁଘର ଲୋକେ କିରୋସିନ ଢାଳି ନିଆଁ ଲଗାଇ ପୋଡ଼ି ଦେଇଥିବା ତାଙ୍କ ବାପା ଓ ପରିବାର ଲୋକେ ଜାଣିପାରି ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ପରିବାର ଲୋକଙ୍କୁ ଦେଖି ଜୟନ୍ତୀ କହିଥିଲେ ଯେ, ଶରତ ଟଙ୍କା ଉଠାଇବା ପାଇଁ ପାସବୁକ୍ ମାଗିଥିଲେ। ସେ ନ ଦେବାରୁ ଜୀବନରୁ ମାରିଦେବାର ଧମକ ଦେଇ ଘରଭିତରକୁ ନେଇ ଯାଇ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଗାଁ ଲୋକେ ଆସି ଉଦ୍ଧାର କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଘଟଣାର କିଛିଦିନ ପରେ ଜୟନ୍ତୀଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାକୁ ନେଇ ସଦର ଥାନାରେ କାଶୀନାଥ ଲିଖିତ ଅଭିଯୋଗ କରିଥିଲେ। ଏନେଇ ମାମଲା (ନଂ. ୩୪/୧୭) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ପୂର୍ବରୁ ଶରତଙ୍କ ମା' ଓ ବାପାଙ୍କୁ ଜାମିନ ମିଳିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଶରତ ଜେଲରେ ଥିଲେ। ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ୍ ବିହାରୀ ୧୫ଜଣ ସାକ୍ଷ୍ୟ ଓ ୮ ଦସ୍ତାବିଜ୍‌କୁ ଆଧାର କରି ଏହି ରାୟ ଦେଇଛନ୍ତି। ଉକ୍ତ ମାମଲାକୁ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୀପକ କୁମାର ଦାସ ପରିଚାଳନା କରିଥିଲେ।

## କରୋନା ସଂକ୍ରମଣ ରୋକିବାକୁ ବିଶ୍ୱଶାନ୍ତି ମହାଯଜ୍ଞ



କରୋନା ପାଇଁ ମା'ବୁଢ଼ୀବାସୁଳୀଙ୍କ ପୀଠରେ ପୂଜାର୍ଚ୍ଚନା।

ସିମୁଳିଆ, ୧୭।୩(ଡି.ଏନ.ଏ.)

କରୋନା କବଳରେ ସାରା ବିଶ୍ୱ ପ୍ରଭାବିତ। ଏଥିରୁ ନିସ୍ତାର ପାଇଁ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଜାମୁଝାଡ଼ି ଅଞ୍ଚଳର ମା' ବୁଢ଼ୀବାସୁଳୀଙ୍କ ନିକଟରେ ଚାଲିଛି ପୂଜାର୍ଚ୍ଚନା। ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଦ୍ୱାରା ଆୟୋଜିତ ହୋଇଛି ବିଶ୍ୱଶାନ୍ତି ମହାଯଜ୍ଞ। ଏହି ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ନିକଟସ୍ଥ ରହଣିଆ ଦାଣ୍ଡମଙ୍ଗଳା ପୁଷ୍କରଣୀରୁ ମହିଳା ଓ ପୁରୁଷମାନେ ୧୧ଟି ଘଟୋତ୍ତୋଳନ କରି ଯଜ୍ଞ ମଣ୍ଡପକୁ ଆଣିଥିଲେ। ମା'ବୁଢ଼ୀବାସୁଳୀ ଓ ହନୁମାନ ମନ୍ଦିରରେ ବିଧି ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। କଟକ ମାହାଙ୍ଗାର ରାମକୃଷ୍ଣ ମଠ ସେବକ ପଣ୍ଡିତ ପ୍ରମୋଦ ପଣ୍ଡା, ସୁରେଶ କୁମାର ମହାପାତ୍ର, ପୁରୀରୁ ପଣ୍ଡିତ ଜଗବନ୍ଧୁ ଦୀକ୍ଷିତ, ସ୍ଥାନୀୟ ରାମକୃଷ୍ଣ ମଠ ସେବକ ପରମାନନ୍ଦ ଦାଶ ପ୍ରମୁଖ ଯଜ୍ଞ ଉତ୍ସବରେ ଯୋଗ ଦେଇଥିଲେ। ଅପରାହ୍ନରେ ଅଗ୍ନିସ୍ଥାପନ, ବୁଧବାର ଆହୁତି ଓ ଗୁରୁବାର ପୂର୍ଣ୍ଣାହୁତି ଦିଆଯିବ। ସ୍ଥାନୀୟ ଅଞ୍ଚଳର ମହେଶ୍ୱର ମହାକୁଡ଼, ରତ୍ନାକର ବେହେରା, ଉମାକାନ୍ତ ବାରିକ, ଅକ୍ଷୟ ବିଶ୍ୱାଳ, ଶ୍ରୀଧର ମହାନ୍ତି, ଭାସ୍କର ଚନ୍ଦ୍ର ପାଢ଼ୀ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଛନ୍ତି।

**'ସଚେତନ ହୁଅନ୍ତୁ, ସୁରକ୍ଷିତ ରୁହନ୍ତୁ'**

## ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସଚେତନତା ବୈଠକ

ରୂପ୍‌ସା, ୧୭।୩(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ କରୋନା ଭୂତାଣୁ (କୋଭିଡ-୧୯) ସଂକ୍ରମଣକୁ ରୋକିବା ଦିଗରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମେଡିକାଲ ଅଫିସର ଡା. ବିନୟ କୁମାର ଦାସମହାପାତ୍ର ଅଧ୍ୟକ୍ଷତା କରି ସାଧାରଣ ଲୋକ କିଭଳି ଏହି ଭୂତାଣୁଠାରୁ ନିଜକୁ ଦୂରେଇ ରଖିବେ ପରାମର୍ଶ ଦେଇଥିଲେ। ବ୍ୟକ୍ତିଗତ ଭାବେ ସମସ୍ତେ ସଚେତନ ହୁଅନ୍ତୁ, ସୁରକ୍ଷିତ ରୁହନ୍ତୁ ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା। ଖାଇବା ପୂର୍ବରୁ ଭଲ ଭାବେ ସାବୁନ୍‌ରେ ହାତଗୋଡ଼ ଧୋଇବା ସହ ମାସ୍କ ପିନ୍ଧିବାକୁ କୁହାଯାଇଛି। ଆୟୁଷ ମେଡିକାଲ ଅଫିସର ଡା. ଅସୀତ କୁମାର ପ୍ରଧାନ, ପୂର୍ବତନ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଜଗନ୍ନାଥ ସ୍ୱାଇଁ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସତ୍ୟ ସୁନ୍ଦର ଗୋସ୍ୱାମୀ ପ୍ରମୁଖ ଏହି ବୈଠକରେ ଯୋଗଦେଇ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସଚେତନତା, ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସମସ୍ତ ଆୟୁଷ ଡାକ୍ତର, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ ସୁପରଭାଇଜର, ବ୍ଲକ ଆକାଉଣ୍ଟସ ମ୍ୟାନେଜର ହରିଶ୍ଚନ୍ଦ୍ର ପରିଡ଼ା, ବ୍ଲକ ଡାଟା ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ। ବିଦେଶରୁ ଆସୁଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରିବା, ସେମାନଙ୍କୁ ଡାକ୍ତରଖାନା ଆଣି ପରୀକ୍ଷା କରିବା, ଗ୍ରାମାଞ୍ଚଳରେ 'କରୋନା' ସତର୍କତା ପାଇଁ ସଚେତନତା କରାଯିବା ଦିଗରେ ନିଷ୍ପତ୍ତି ହୋଇଥିଲା।

## ଡିପିପୁର ସୌରାତରେ ଚଢ଼ାଉ ବେଳେ ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ

ଜଳେଶ୍ୱର, ୧୭।୩(ସ୍ୱ.ପ୍ର)

ସୁବର୍ଣ୍ଣରେଖା ନଦୀର ଜଳେଶ୍ୱର ଡିପିପୁର ସୌରାତରେ ଚୋରା ବାଲିଚାଲାଣ ହେଉଥିବା ଖବରପାଇ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶରେ ଭୋଗରାଇ ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ମଙ୍ଗଳବାର ଭୋର ସମୟରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଚୋରାରେ ବାଲି ବୋଝେଇ ହୋଇଥିବା ୭ଟି ଟ୍ରାକ୍ଟରକୁ ଜବତ କରାଯାଇଛି। ଏହି ଟ୍ରାକ୍ଟରରୁ ୧ଲକ୍ଷ ୪ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନ୍ୟପକ୍ଷରେ ଚଢ଼ାଉ ବେଳେ ଅତିରିକ୍ତ ତହସିଲଦାର ମାଫିଆଙ୍କ ଆକ୍ରମଣର ଶିକାର ହୋଇଥିବା ରାଇବଣିଆ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଉକ୍ତ ବ୍ଲକର ୨୨ଟି ବାଲି ସୌରାତ ସରକାରୀ ଖାତାରେ ଥିବା ବେଳେ ବିଭିନ୍ନ ସମୟରେ କେତେକ ନୂଆ ସ୍ଥାନରେ ବାଲି ସୌରାତ ଉତ୍ପନ୍ନ ହୋଇଥାଏ। ଏହାକୁ ଲକ୍ଷ୍ୟ କରି ସମୟ ସୁବିଧା ଅନୁସାରେ ଚୋରା ବାଲି ମାଫିଆମାନେ ସେଠାରୁ ବାଲି ଉଠାଇ ବିକ୍ରି କରିଥାନ୍ତି। ଫଳରେ ସରକାରଙ୍କର କୋଟି କୋଟି ଟଙ୍କା ରାଜସ୍ୱ ହାନି ହୋଇଥାଏ। ଚୋରା ବାଲି ଚାଲାଣ ରୋକିବା ଲାଗି ଜିଲାପାଳ ଅତିରିକ୍ତ ତହସିଲଦାର ପାଣିଗ୍ରାହୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁପରଭାଇଜର ଶୁଭେନ୍ଦୁ କୁମାର ସାହୁ ଓ ସରଡ଼ିହା ଆର୍‌ଆଇ ସଞ୍ଜୟ କୁମାର ପଣ୍ଡାଙ୍କ ସହିତ କେତେଜଣ ପୋଲିସ୍ କର୍ମଚାରୀ ଧରି ଅତିରିକ୍ତ ତହସିଲଦାର ପାଣିଗ୍ରାହୀ ଦକ୍ଷିଣପ୍ରହରାଜପୁର ଗ୍ରାମ ନିକଟ ବାଲି ସୌରାତ ନିକଟରେ ପହଞ୍ଚି ଚଢ଼ାଉ ଆରମ୍ଭ କରିଥିଲେ। ପରେ କେତେକ ବାଲିମାଫିଆଙ୍କ ସହଯୋଗରେ ଗ୍ରାମବାସୀ ସଂଘବଦ୍ଧ ହୋଇ ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ କରିଥିଲେ।

## ଖୋଲିଲା 'କରୋନା' କର୍ଣ୍ଣର

ବାଲିଆପାଳ, ୧୭।୩(ସ୍ୱ.ପ୍ର.)

'କରୋନା'ର ଭୟାବହତାକୁ ଦେଖି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ବାଲିଆପାଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ଯୁବକମାନେ ବମ୍ବେ, ବାଙ୍ଗାଲୋର, ହରିୟାନା, ଗୋଆ, ଦିଲ୍ଲୀ ଆଦି ସ୍ଥାନରେ ବିଭିନ୍ନ ହୋଟେଲ, ଘରୋଇ କାରାଖାନାରେ କାର୍ଯ୍ୟ କରୁଥିଲେ। କରୋନା ଯୋଗୁ ଏବେ ସେମାନେ ସେସବୁ ସ୍ଥାନରୁ ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହାକୁ ନେଇ ସମ୍ପୃକ୍ତ ଗ୍ରାମବାସୀଙ୍କ ମଧ୍ୟରେ କରୋନା ଭୟ ଦ୍ୱିଗୁଣିତ ହୋଇଯାଇଛି। ମାତ୍ର ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବାଲିଆପାଳର ଇଡ଼କୋ ଛକଠାରେ ଥିବା ସିଏଚ୍‌ସି ପରିସରରେ ସ୍ୱତନ୍ତ୍ର କରୋନା କର୍ଣ୍ଣର ସାଙ୍ଗକୁ କରୋନା କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। କରୋନା କର୍ଣ୍ଣର ଦାୟିତ୍ୱରେ ବରେନ୍ଦ୍ର ସାସମଲ ଏବଂ କରୋନା କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ରମାନାଥ କର ଓ ସୂର୍ଯ୍ୟକାନ୍ତ ବାରିକ ରହିଛନ୍ତି। ଆଶାକର୍ମୀ ଏବଂ ଅଙ୍ଗନୱାଡ଼ି କର୍ମୀମାନେ ନିଜ ନିଜ ଅଞ୍ଚଳର ଘରକୁ ଘର ବୁଲି କରୋନା ସମ୍ପର୍କିତ ଲିଫଲେଟ ବଣ୍ଟନ କରିବା ସହିତ ସଚେତନ କରାଉଛନ୍ତି। ବିଦେଶରୁ ଫେରୁଥିବା ଲୋକଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ସହିତ ସେମାନଙ୍କର ନାମ ପଞ୍ଜିକରଣ କରାଯାଉଛି ବୋଲି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଭାଗିରଥି ମୁର୍ମୁ ପ୍ରକାଶ କରିଛନ୍ତି। ସେହିପରି ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ କରୋନା ସମ୍ପର୍କରେ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରାଯାଉଛି। ଏଥିସହିତ ବାଲିଆପାଳର ପ୍ରସିଦ୍ଧ ବାସୁଦେବପୁର ଦୋଳ ଯାତ୍ରା ଏବଂ ସମୁଦ୍ରକୂଳରେ ହେବାକୁ ଥିବା ବାରୁଣୀ ସ୍ନାନକୁ ପ୍ରସାଶନ ପକ୍ଷରୁ ବନ୍ଦ କରାଯାଇଥିବା ବାଲିଆପାଳ ତହସିଲଦାର ପ୍ରକାଶ କରିଛନ୍ତି।

## ମୁନି ସମାଜ ପକ୍ଷରୁ ବେଳାଭୂମି ସଫେଇ

ରୂପ୍‌ସା, ୧୭।୩ (ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଦୁବୁଲାଗଡ଼ି ଓ ବଟେଶ୍ୱର ମୁନି ସମାଜ ମିଳିତ ଆନୁକୂଲ୍ୟରେ ବାହାବଳପୁର ସମୁଦ୍ର ନିକଟ ଦୁବୁଲାଗଡ଼ି ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୀଳରକ୍ତ କଙ୍କଡ଼ାର ସୁରକ୍ଷା ପାଇଁ ମୁନି ସମାଜର ସାଧୁସନ୍ଥମାନେ ଏକାଠିହୋଇ ପ୍ରାୟ ୩କି.ମି. ବେଳାଭୂମିରୁ ଛିଣ୍ଡାଜାଲ, ପ୍ଲାଷ୍ଟିକ ବ୍ୟାଗ୍, ବୋତଲ, ବିଭିନ୍ନ ଆବର୍ଜନା, ପଲିଥିନ ଆଦି ପରିଷ୍କାର କରିଥିଲେ। ଯୋଗୀ ଦୟାନିଧି ପଣ୍ଡାଙ୍କ ପୌରୋହିତ୍ୟରେ ଏକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୋଗୀ ଅନନ୍ତ ପଣ୍ଡା, ମୁଖ୍ୟବକ୍ତା ଯୋଗାଚାର୍ଯ୍ୟ କଳାକୃଷ୍ଣ ମିଶ୍ର, ସମ୍ମାନନୀୟ ଅତିଥି ଚିତ୍ରଶିଳ୍ପୀ କେଶୁ ଦାସ ପ୍ରମୁଖ ମଞ୍ଚାସୀନ ହୋଇ ଆଧାତ୍ମିକ ଭାବଧାରା ମାଧ୍ୟମରେ କିଭଳି ନୀଳରକ୍ତ କଙ୍କଡ଼ାର ସୁରକ୍ଷା ଓ ବଂଶବୃଦ୍ଧି କରିହେବ ସେ ଦିଗରେ ତାତ୍ତ୍ୱିକ ବକ୍ତବ୍ୟ ରଖିଥିଲେ। ମୁନି କାହ୍ନୁଚରଣ, ହରେକୃଷ୍ଣ ଧାଡ଼ା, ଆଶିଷ ଦତ୍ତ, ଭଗବାନ ଷଡ଼ଙ୍ଗୀ, ମମତା ଦାସ, ପ୍ରିୟମ୍ବଦା ପଣ୍ଡା ଓ ଜୟନ୍ତ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଯୋଗୀ କାର୍ତ୍ତିକ ମୁନି ଧନ୍ୟବାଦ ଦେଇଥିଲେ।




ମୁନି ସମାଜ ପକ୍ଷରୁ ବେଳାଭୂମିରେ ସଫେଇ କରାଯାଉଛି।

## ଦୁର୍ଘଟଣାରେ କଲେଜ ଛାତ୍ର ଆହତ

ରସାଲପୁର, ୧୭।୩(ଡି.ଏନ.ଏ.)- ବାଲେଶ୍ୱର ଜିଲା ସଲ୍ଟ ରୋଡ଼ରେ ସୋମବାର ଦୁର୍ଘଟଣା ଘଟି ଜଣେ କଲେଜ ଛାତ୍ର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ବାଲେଶ୍ୱର ସହର ପାତ୍ରପଡ଼ା ଅଞ୍ଚଳର ସେକ୍ ଆହେମାଦୁଲ୍ଲାମଙ୍କ ପୁଅ ସାହେଜାଦ କାଦିର ଯଦୁନାଥ ମହାବିଦ୍ୟାଳୟ ରସାଲପୁରରେ ପଢ଼ନ୍ତି। ଏବେ ପରୀକ୍ଷା ଚାଲିଥିବାବେଳେ ଘରୁ ସ୍କୁଟି (ନଂ. ଓଡ଼ି୦୧ଜି-୧୭୮୬) ଯୋଗେ ପରୀକ୍ଷା ଦେବା ପାଇଁ ଯାଉଥିବା ବେଳେ ସଲ୍ଟ ରୋଡ଼ ପାଗନଇ ପୋଲଠାରେ ଭାରସାମ୍ୟ ହରାଇବାରୁ ଦୁର୍ଘଟଣାର ଶିକାର ହୋଇଥିଲେ। ସେହି ସମୟରେ ତୁଣ୍ଡୁରା ଗ୍ରାମର ଜଣେ ଯୁବକ ବିକ୍ରମ ବିଶ୍ୱାଳ ଛାତ୍ରଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆଶୁ ଚିକିତ୍ସା ପରେ ଛାତ୍ର ଜଣଙ୍କ ଘରକୁ ଯାଇଥିବା ଜଣାପଡ଼ିଛି।

## ଦୃଢ଼ ଇଚ୍ଛାଶକ୍ତି ଦେଇଛି ବଞ୍ଚିବାର ରାହା

ଖଇରା, ୧୭।୩(ଡି.ଏନ.ଏ.)

ଦୃଢ ଇଚ୍ଛାଶକ୍ତି ଥିଲେ ସବୁ କିଛି ସମ୍ଭବ। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ଖଇରା ବ୍ଲକ ନନ୍ଦୁର ପଞ୍ଚାୟତ ବ୍ରହ୍ମଚାରୀ ଗ୍ରାମର ଦିବ୍ୟାଙ୍ଗ ଅକ୍ଷୟ କୁମାର ମହାନ୍ତି। ବୟସ ୫୪ ହେଲାଣି। ତଥାପି ସେ ଥକିନାହାନ୍ତି।

ବାଲେଶ୍ୱର ଜିଲା ଖଇରା ବ୍ଲକ ଗଣ୍ଡିବେଡ ବଜାର ଲଙ୍କେଶ୍ୱର ମନ୍ଦିର ପରିସର ବାମପାର୍ଶ୍ୱରେ ସିଲେଇ ଦୋକାନ କରିଛନ୍ତି ଅକ୍ଷୟ। ତାଙ୍କର ଗ୍ରାହକଙ୍କ ସହିତ ସୁମଧୁର ସମ୍ପର୍କ ଯୋଗୁ ସେ ଆଜି ଆଗକୁ ବଢିପାରିଛନ୍ତି । ଜନ୍ମରୁ ଗୋଡ ହରାଇଥିବା ଅକ୍ଷୟ ୬ମାସର ହୋଇଥିବା ବେଳେ ତାଙ୍କ ବାପା ଯଦୁନାଥ ମହାନ୍ତି ଆରପାରିକୁ ଚାଲିଗଲେ। ମା' କାମିନୀ ଅନ୍ୟଘରେ କାମ କରି ତାଙ୍କୁ ମଣିଷ କରିଥିଲେ। ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ଅର୍ଥାଭାବ ଯୋଗୁ ସେ ଆଉ ଆଗକୁ ଆଗେଇ ପାରି ନ ଥିଲେ। ଜୀବନରେ କିଛି କରିବାର ଦୃଢ ଇଚ୍ଛାଶକ୍ତି ନେଇ ଭଦ୍ରକରେ ସିଲେଇ ଶିକ୍ଷା ଆରମ୍ଭ କରିଥିଲେ। ପରେ ଗଣ୍ଡିବେଡ ଆସି ସିଲେଇ ମେଶିନ ବସାଇ ନିଜେ ବଞ୍ଚିବା ସହ ଅନ୍ୟ କିଛି ବେରୋଜଗାରୀଙ୍କୁ ରୋଜଗାର ପନ୍ଥା ଦେଖାଇଥିଲେ। ୩୧ବର୍ଷ ମଧ୍ୟରେ ଏହି ରୋଜଗାରରୁ ନିଜର ୫ଝିଅଙ୍କୁ ପାଠ ପଢାଇବା ପରେ ୨ଝିଅଙ୍କର ବାହାଘର ମଧ୍ୟ କରାଇଛନ୍ତି। କାହାରି ଉପରେ ନିର୍ଭର ନ କରି ଗୋଟିଏ ଗୋଡରେ ସାଇକେଲ ଚଳାଇ ଘରୁ ୩ କି.ମି. ଅତିକ୍ରମ କରି ଗଣ୍ଡିବେଡ ବଜାର ଆସିଥାନ୍ତି। ବର୍ତ୍ତମାନ ରେଡିମେଡ ଲୁଗାକୁ ଗ୍ରାହକ ଅଧିକ ପସନ୍ଦ କରୁଥିବାରୁ କେବଳ ଏବେ କେବଳ କିଛି ମରାମତି କାମ ତାଙ୍କ ନିକଟକୁ ଆସୁଥିବା ଦୁଃଖର ସହ ଉଲ୍ଲେଖ କରିଛନ୍ତି। ସରକାରଙ୍କ ତରଫରୁ ଦିବ୍ୟାଙ୍ଗ ଋଣ ଯୋଗାଇ ଦିଆଗଲେ ଦୋକାନକୁ ବଢାଇପାରନ୍ତେ ବୋଲି ସେ କୁହନ୍ତି।




ସିଲେଇରେ ବ୍ୟସ୍ତ ଅକ୍ଷୟ।

## ସଂକ୍ଷେପରେ

### କଲେଜ ଛାତ୍ରୀଛାତ୍ର ଲୋକଙ୍କୁ କଲେ ସଚେତନ

**ବାସୁଦେବପୁର, ୧୭।୩(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ସହର ନିକଟସ୍ଥ ବଂଶୀପାଟଣା ସ୍ଥିତ କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ମଙ୍ଗଳବାର ପୂର୍ବାହ୍ନରେ ମହାବିଦ୍ୟାଳୟରୁ ବାହାରି ନିକଟସ୍ଥ ଗ୍ରାମ ଓ ସହର ମଧରେ ଲୋକଙ୍କୁ କରୋନା ସମ୍ପର୍କରେ ସଚେତନ କରାଇଥିଲେ। ସେମାନେ ଶୋଭାଯାତ୍ରାରେ ମାକ୍ସ ପିନ୍ଧି ପ୍ଲାକାର୍ଡ଼ ଧରି କରୋନା ସଂକ୍ରମଣ ରୋକିବାର ଉପାୟ ସମ୍ପର୍କରେ ପ୍ରଚାର କରିଥିଲେ। ଅଧକ୍ଷ ପ୍ରଶାନ୍ତ ପାଢ଼ୀଙ୍କ ସମେତ ରତ୍ନାକର ପୁଷ୍ଟି, ବିଦ୍ୟାଧର ବେହେରା, ଶ୍ରୀଲତା ମହାକୁଡ଼, ଶୃତକେଶୀ ମହାନ୍ତି, ନୀଳାମ୍ବର ଦୀକ୍ଷିତ, ପ୍ରକାଶ କୁମାର ରାଉତ, ନରହରି ବେହେରା ପ୍ରମୁଖ ଅଧାପକ କର୍ମଚାରୀ ରାଲିରେ ସାମିଲ ହୋଇଥିଲେ। ସେହିପରି ପୌରପାଳିକା ପକ୍ଷରୁ ଡାକବାଜି ଯନ୍ତ୍ର ମାଧମରେ ସଚେତନତା କରାଯାଇଥିଲା। ସଦର ବ୍ଲକର ୩୬ ପଞ୍ଚାୟତରେ ଅନୁରୂପ ଲୋକଙ୍କୁ ସଚେତନ କରାଯାଇଛି। ପ୍ରତି ପଞ୍ଚାୟତରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ସନ୍ଦିଗ୍ଧ ରୋଗୀଙ୍କ ଲାଗି ସ୍ୱତନ୍ତ୍ର ପୃଥକୀକରଣ ଗୃହ ଚିହ୍ନଟ କରାଯାଇ ଏହାକୁ ସଂରକ୍ଷିତ ରଖାଯାଇଛି । ସୋମବାର ବ୍ଲକରେ କର୍ମଚାରୀଙ୍କୁ ସଚେତନ କରିବା ପାଇଁ ଏକ ବୈଠକ କରାଯିବା ସହିତ ରାଜ୍ୟ ଓ ଦେଶ ବାହାରରୁ ଆସୁଥିବା ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଦିଗରେ ପଦକ୍ଷେପ ନିଆଯାଇଛି । ପ୍ରତି ଡାକ୍ତରଖାନାରେ ଆଇସୋଲେସନ ଗୃହର ମଧ ବ୍ୟବସ୍ଥା କରାଯାଇଛି ବୋଲି ବିଡିଓ ପ୍ରଣବ କୁମାର ବେହେରା କହିଛନ୍ତି।

### ଔଷଧ ଦୋକାନୀଙ୍କୁ ଅଟକ ରଖି ଛାଡ଼ିଲା ପୋଲିସ

**ଚାନ୍ଦବାଲି, ୧୭।୩(ଡି.ଏନ.ଏ.):** ସମୟ ଅତିକ୍ରାନ୍ତ ହୋଇଥିବା ଔଷଧ ରୋଗୀଙ୍କୁ ବିକ୍ରି ଅଭିଯୋଗ ମିଳିବା ପରେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଦୋଳମଣ୍ଡପ ଅଞ୍ଚଳର ଜଣେ ଔଷଧ ଦୋକାନୀଙ୍କୁ ଚାନ୍ଦବାଲି ପୋଲିସ ମଙ୍ଗଳବାର ଅପରାହ୍ଣରେ ଆଣି ଥାନାରେ ଅଟକ ରଖିଥିଲେ । ତଦନ୍ତ ପରେ ପୋଲିସ ତାଙ୍କୁ ଡାଡି ଦେଇଛି। ତେବେ ଏ ସମ୍ପର୍କରେ ଡଗ୍ସ ଇନ୍ସପେକ୍ଟରଙ୍କୁ ଅବଗତ କରାଯିବ ବୋଲି ଥାନା ଅଧିକାରୀ ପ୍ରଜ୍ଞା ମହାନ୍ତି କହିଛନ୍ତି। ଉଲ୍ଲେଖନୀୟ ଯେ, ସ୍ଥାନୀୟ ମହୁଲିଆ ପଞ୍ଚାୟତର ଗୋପାଳବିନ୍ଧା ଗ୍ରାମର ଜଣେ ବାଳକ ସୋମବାର ସନ୍ଧ୍ୟାରେ ଦାନ୍ତରେ ଯନ୍ତ୍ରଣା ଅନୁଭବ କରିବାରୁ ଏହି ଔଷଧ ଦୋକାନରୁ ଟାବ୍‌ଲେଟ୍ କିଣାଯାଇଥିଲା। ଔଷଧ ଖାଇବା ପରେ ବାଳକ ଜଣଙ୍କ ଅସୁସ୍ଥ ହୋଇ ପଡିବାରୁ ତାଙ୍କ ବାପା ମଙ୍ଗଳବାର ଦୋଳମଣ୍ଡପ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ଔଷଧ ଦେଖି ଏକ୍ସପାୟର ହୋଇଛି ବୋଲି କହିବା ପରେ ଏନେଇ ଚାନ୍ଦବାଲି ଥାନାରେ ଅଭିଯୋଗ କରାଯାଇଥିଲା।

### ଦୃଷ୍ଟିବାଧିତ ଛାତ୍ରଙ୍କୁ ଡେଜି ପ୍ଲେୟାର ପ୍ରଦାନ

**ଭଦ୍ରକ ଅଫିସ, ୧୭।୩:** ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ୪ ଜଣ ଦୃଷ୍ଟିବାଧିତ ଛାତ୍ରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଡେଜି ପ୍ଲେୟାର ପ୍ରଦାନ କରାଯାଇଛି। ଏହି ଯନ୍ତ୍ର ମାଧ୍ୟମରେ ସେମାନେ ଶ୍ରେଣୀରେ ଶିକ୍ଷକମାନଙ୍କ ପାଠପଢ଼ାକୁ ରେକର୍ଡିଂ କରି ଘରେ ପୁନଃ ପ୍ଲେ କରି ଶିକ୍ଷା ଆହରଣ କରିପାରିବେ। ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ, ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ, ଶିକ୍ଷା ବିଭାଗୀୟ ଅଧିକାରୀ ଜଳନ୍ଧର ମଣ୍ଡଳଙ୍କ ଉପସ୍ଥିତିରେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଅଜୟ କୁମାର ପ୍ରଧାନ, କଳ୍ପତରୁ ଦାସ, ସୌମ୍ୟରଞ୍ଜନ ସେନାପତି, ରାମକୃଷ୍ଣ ଖୁଣ୍ଟିଆ ନାମକ ୪ ଛାତ୍ରଙ୍କୁ ଏହି ଯନ୍ତ୍ର ପ୍ରଦାନ କରାଯାଇଥିଲା।

### ଛତାବରରୁ ଚୋରା କିରୋସିନ ଜବତ

**ଭଣ୍ଡାରିପୋଖରୀ, ୧୭।୩ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଯୋଗାଣ ନିରୀକ୍ଷକ ରେବତୀଶ ସିଂ ନାୟକ ମଙ୍ଗଳବାର ୧୬ ନଂ ଜାତୀୟ ରାଜପଥ ଛତାବର ଛକ ନିକଟରୁ ୫୬ ଲିଟର ଚୋରା କିରୋସିନ ଜବତ କରିଛନ୍ତି। ଦୀର୍ଘଦିନ ଧରି ରାଜପଥର କେତେକ ସ୍ଥାନରେ ଚୋରାରେ କିରୋସିନ କାରବାର ଚାଲିଥିବା ଅଭିଯୋଗ ହେଉଥିଲା। ମଙ୍ଗଳବାର ଚଢାଉ ବେଳେ ଜଣଙ୍କ ବାଡ଼ିରୁ ଏହି କିରୋସିନ ଜବତ କରାଯାଇ ସେଥିରୁ ୩ ଲିଟର ପରୀକ୍ଷା ପଠାଯାଇଛି। ଅବଶିଷ୍ଟ କିରୋସିନକୁ ସ୍ଥାନୀୟ ଡିଲର ଦିବାକର ସେନାପତିଙ୍କ ଜିମାରେ ରଖାଯାଇଛି।

# କରୋନା ଲାଗି ୧୪୪ ଧାରା

- ପ୍ରତି ପଞ୍ଚାୟତରେ ସୁରକ୍ଷା ସ୍ଥଳ ଚିହ୍ନଟ
- ଡାକ୍ତରଖାନାରେ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା
- ସହର ପ୍ରବେଶ ପଥରେ ଯାଞ୍ଚ

**ଭଦ୍ରକ ଅଫିସ, ୧୭।୩**

କରୋନା ଭାଇରସ୍ ମୁକାବିଲା ପାଇଁ ଜିଲା ମାଜିଷ୍ଟ୍ରେଟ୍ ତଥା ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସଙ୍କ ପକ୍ଷରୁ ଜିଲାରେ ମଙ୍ଗଳବାର ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି। ଏହି ସମୟ ମଧରେ ୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଗୋଟିଏ ସ୍ଥାନରେ ଏକତ୍ରିତ ହୋଇପାରିବେ ନାହିଁ କିମ୍ବା କେହି ସଭା ସମିତି କରିପାରବେ ନାହିଁ। ଜିଲାର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ 'କରୋନ ସେଫ୍ ହୋମ୍' ବା ସୁରକ୍ଷା କେନ୍ଦ୍ର ଚିହ୍ନଟ କରିବା ଲାଗି ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସହରର ସମସ୍ତ ଶପିଂମଲ, ଜିମ୍ ସେଣ୍ଟର, ପାର୍କ, ସିନେମା ହଲ ବନ୍ଦ କରାଯାଇଛି। ଯେଉଁସବୁ ସ୍ଥାନରେ ଜନଗହଳ ହେଉଥିଲା, ତାହାକୁ ରୋକିବା ପାଇଁ ଏଭଳିପଦକ୍ଷେପ ନିଆଯାଉଥିବା କୁହାଯାଇଛି।

ଜିଲା ଚିକିତ୍ସାଳୟରେ ଭିଡ଼କୁ ଆଖି ଆଗରେ ରଖି କାଶ, କଫ, ଥଣ୍ଡା, ଜ୍ୱର ଓ ତଦ୍‌ଜନିତ ରୋଗର ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ୪ ନଂ ରୁମ୍‌ରେ ଟିକେଟ୍ କାଉଣ୍ଟର, ୯ ନଂ ରୁମ୍‌ରେ ରୋଗୀଙ୍କୁ ଚିକିତ୍ସା ବ୍ୟବସ୍ଥା ଓ ୨ ନଂ ଔଷଧ ବିତରଣ କେନ୍ଦ୍ରରେ ରୋଗୀଙ୍କୁ ଚିକିତ୍ସା କରାଯାଉଛି। ଏହା ବ୍ୟତୀତ ଏକ ସ୍ୱତନ୍ତ୍ର କରୋନା ୱାର୍ଡ଼ କାର୍ଯ୍ୟ କରୁଛି। ଲୋକଙ୍କୁ ସଚେତନତା ପାଇଁ ଭ୍ରାମ୍ୟମାଣ ପ୍ରଚାର ଗାଡ଼ି ମାଧ୍ୟମରେ ମାଇକ୍ ଯୋଗେ ପ୍ରଚାର କରାଯାଉଛି। ଜିଲାର ସମସ୍ତ ପ୍ରବେଶ ପଥରେ ତନଖି କରାଯିବା ସହ ବଜାର, ଛକ, ମନ୍ଦିର, ମସ୍‌ଜିଦ୍ ଇତ୍ୟାଦି ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକୁ ନ ଯିବା ନିମନ୍ତେ ସତର୍କ ସୂଚନା ଦିଆଯାଇଛି। ସାମାଜିକ ଉତ୍ସବ, ଧାର୍ମିକ କାର୍ଯ୍ୟକ୍ରମ, ଯାନିଯାତ୍ରା ଓ ଶୋଭାଯାତ୍ରା ଉପରେ ନିଷେଧାଜ୍ଞା ଜାରି କରାଯାଇଛି। ବାହାର ରାଜ୍ୟ ଓ ବିଦେଶରୁ ସହର ମଧ୍ୟକୁ ଆସୁଥିବା ବ୍ୟକ୍ତି ବିଶେଷଙ୍କ ସମ୍ପର୍କରେ ପ୍ରଶାସନକୁ ସୂଚନା ଦେବା ପାଇଁ କୁହାଯାଇଛି।


କରୋନା ସଚେତନତା ରଥକୁ ଜିଲାପାଳ ଉଦ୍ଘାଟନ କରୁଛନ୍ତି।


କିନ୍ନରଙ୍କ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି।

### ଗଡ଼ିଲା କରୋନା ରଥ

ଜିଲାରେ କରୋନା ସଚେତନତା ରଥ ମଙ୍ଗଳବାରଠାରୁ ପରିକ୍ରମା ଆରମ୍ଭ କରିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧରେ ଏହି ରଥକୁ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ପତାକା ହଲାଇ ଉଦ୍ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ପିତାମ୍ବର ସାମଲ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରମା ଭୂୟାଁ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମାସ୍କ କଳାବଜାର ଯାଞ୍ଚ

କରୋନାକୁ ନେଇ ସବୁଠି ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ବଜାରରେ ମାସ୍କ, ସାନିଟାଇଜର, ଡେଟଲ ଆଦି ସାମଗ୍ରୀ ଚାହିଦା ମୁତାବକ ମିଳୁ ନାହିଁ। ଏପରିସ୍ଥଳେ ଏହି ଔଷଧ ଦୋକାନୀ ଯେପରି କୃତ୍ରିମ ଅଭାବ ସୃଷ୍ଟି ନ କରନ୍ତି ସେଥିନେଇ ଡ୍ରଗ୍ସ ଇନ୍‌ସପେକ୍ଟର ନିହାରିକା ଦାଶ ସହରରେ ବିଭିନ୍ନ ଔଷଧ ଦୋକାନ ବୁଲି ବୁଲି ଯାଞ୍ଚ କରୁଥିବା ଜଣାପଡ଼ିଛି।

### କିନ୍ନରଙ୍କ ସଚେତନତା କାର୍ଯ୍ୟକ୍ରମ

ଚରମ୍ପା ରେଲୱେ ଷ୍ଟେଶନ ଅଞ୍ଚଳରେ ଅର୍ଦ୍ଧନାରୀଶ୍ୱର କିନ୍ନର ମହାସଂଘ ପକ୍ଷରୁ ମଙ୍ଗଳବାର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କିନ୍ନରମାନେ ହାତରେ ପ୍ଲାକାର୍ଡ଼ ଧରି ବସ୍‌ଷ୍ଟାଣ୍ଡ, ବଜାର ଓ ସହରର ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଚେତନ କରାଇଥିଲେ।

### ତଦାରଖ ଲାଗି ସ୍କ୍ୱାଡ୍ ଗଠନ

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଜାରି ନିର୍ଦ୍ଦେଶାନାମାକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି କି ନାହିଁ ତାହାର ତଦାରଖ ସକାଶେ ତହସିଲ ଓ ଜିଲା ସ୍ତରରେ ସ୍ୱତନ୍ତ୍ର ସ୍କ୍ୱାର୍ଡ଼ ଗଠନ କରାଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଯେଭଳି କେଉଁଠି କଳାବଜାର ନ ହୁଏ ସେଥିପାଇଁ ଧ୍ୟାନ ଦିଆଯାଉଥିବା ଜିଲାପାଳ ଦାସ ସୂଚନା ଦେଇଛନ୍ତି।

# ଗାଁ ଦେଇ ୩୩ କେଭି ତାର ଟଣା ଓ ଗଛକଟାକୁ ବିରୋଧ, ଉତ୍ତେଜନା

**ଧାମନଗର, ୧୭।୩(ଡି.ଏନ.ଏ.)**

**୨ ପ୍ଲାଟୁନ ଫୋର୍ସ ମୁତୟନ**

ଭଦ୍ରକ ଜିଲା ଧାମନଗର ବ୍ଲକ ଜୟନଗର ଗ୍ରାମର ଜନବସତି ଅଞ୍ଚଳ ଦେଇ ୩୩ କେଭି ବିଦ୍ୟୁତ୍ ତାର ଟଣାଯିବା ଏବଂ ଜୟନଗରରୁ ଧାମନଗର ମୁଖ୍ୟ ସଡକକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଶତାଧିକ ଗଛ କଟାଯିବା ନେଇ ଅଞ୍ଚଳରେ ଅସନ୍ତୋଷ, ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମର ମହିଳାମାନେ ଘରୁ ବାହାରି ଏହାକୁ ବିରୋଧ କରିଥିଲେ। ପରିସ୍ଥିତି ଦେଖି ବିଦ୍ୟୁତ୍ ବିଭାଗ ପୋଲିସର ସହାୟତା ମାଗିଥିଲା। ପରେ ଥାନା ପକ୍ଷରୁ ୨ ପ୍ଲାଟୁନ ପୋଲିସ ଫୋର୍ସଙ୍କ ଉପସ୍ଥିତିରେ ଗଛ କଟା ଓ ତାର ଟଣା ହୋଇଥିଲା। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ ବିଲ ମଧ୍ୟ ଦେଇ ୩୩ କେଭି ବିଦ୍ୟୁତ୍ ତାର ଟଣାଯିବା ପ୍ରସ୍ତାବ ଥିଲା। ବିଲ ଦେଇ ତାରଟଣା ଗଲେ ଦୂରତା ବଢୁଥିବାରୁ ଗ୍ରାମ ମଧ୍ୟ ଦେଇ ତାର ଟାଣିବା ସକାଶେ ଜୟନଗର ଧାମନଗର ମୁଖ୍ୟ ସଡକ କଡରେ ଖୁଣ୍ଟ ପୋତି ଛାଡି ଦିଆଯାଇଥିଲା। ହଠାତ ମଙ୍ଗଳବାର ବିଦ୍ୟୁତ୍ ବିଭାଗ ତରଫରୁ ତାରଟଣା ଆରମ୍ଭ ହେବା ସହିତ ରାସ୍ତା କଡରୁ ଗଛକୁ କଟାଯିବାରୁ ଲୋକେ ଏହାକୁ ବିରୋଧ କରିଥିଲେ। ପୋଲିସ ମୁତୟନ ପରେ ସେମାନେ ନାଚାର ହୋଇଥିଲେ। ଗଛକଟା ନେଇ ବନବିଭାଗର ନୀରବତାକୁ ଗ୍ରାମବାସୀ ମଧ୍ୟ ସମାଲୋଚନା କରିଛନ୍ତି।

# ଗ୍ରାମବାସୀଙ୍କ ବିରୋଧ ଯୋଗୁ ଫେରିଗଲା ଇଟା ବୋଝେଇ ଟ୍ରକ୍


ଗ୍ରାମବାସୀ ଇଟା ଟ୍ରକ ଅନ୍‌ଲୋଡ଼କୁ ବିରୋଧ କରୁଛନ୍ତି।

**ଭଦ୍ରକ ଅଫିସ, ୧୭।୩**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କରଞ୍ଜଆଡ଼ିଆ ପଞ୍ଚାୟତର ବିଭିନ୍ନ ୱାର୍ଡ଼ର ହିତାଧିକାରୀଙ୍କ ପାଇଁ ପାଇଖାନା ନିର୍ମାଣ ସକାଶେ ଜିଲା ବାହାରୁ ଇଟା ଅଣାଯାଇଥିଲା। ମଙ୍ଗଳବାର ଏକ ଇଟା ବୋଝେଇ ଟ୍ରକ ଓ ୩୦ ରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ଆସି ପହଞ୍ଚିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଫଳରେ ଇଟା ବୋଝେଇ ଟ୍ରକ ସହ ଶ୍ରମିକମାନେ ଫେରିଯାଇଥିଲେ। ଟ୍ରକରେ ଆସିଥିବା ଇଟାର ଓଜନ ବହୁତ କମ୍ ଥିବା ଏବଂ ଲମ୍ବ ସାଧାରଣ ଇଟା ଠାରୁ ଅଧିକ ଓ ପ୍ରସ୍ତ ଯଥେଷ୍ଟ କମ୍ ଥିବାରୁ ଏହାର ସ୍ଥାୟିତ୍ୱ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଥିଲେ। ଏହି ଇଟା ଭୁବନେଶ୍ୱର ଅଞ୍ଚଳରୁ ଆସିଥିବା ଜାଣି କରୋନା ଭାଇରସ୍ ଭୟରେ ଗ୍ରାମବାସୀ ଏହାକୁ ଅନଲୋଡ କରାଇ ଦେଇ ନ ଥିଲେ। ସେହିପରି ଜିଲା ବାହାରରୁ ଶ୍ରମିକ ଅଣାଯିବା ଘଟଣାକୁ ଗ୍ରାମବାସୀ ବିରୋଧ କରିଥିଲେ। କରୋନା ଭାଇରସ୍ ପାଇଁ ଜିଲା ବାହାରରୁ ଆସିଥିବା ଶ୍ରମିକଙ୍କୁ ଗ୍ରାମବାସୀ ଗ୍ରାମରେ ରଖିବାକୁ ଅମଙ୍ଗ ହୋଇଥିଲେ। ଏହି ଘଟଣାକୁ ନେଇ କିଛି ସମୟ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ଟୋକନ କଟିବା ପ୍ରତିବାଦରେ ସମିତିରେ ତାଲା ପକାଇଲେ ଚାଷୀ

**ବାସୁଦେବପୁର, ୧୭।୩(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଖରିଦା ବିନାୟକପୁର ସେବା ସମବାୟ ସମିତିରେ ଚାଷୀଙ୍କଠାରୁ ଧାନ କିଣା ନେଇ ଅବ୍ୟବସ୍ଥା ଲାଗି ରହିଛି। ୩୧ ଜଣ ଚାଷୀଙ୍କ ଧାନକ୍ରୟ ଲାଗି ପ୍ରଦତ୍ତ ଟୋକନ ଅନ୍‌ଲାଇନରେ କଟିଯିବା ଫଳରେ ସେମାନେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ ବିକ୍ରି କରିପାରୁ ନାହାନ୍ତି। ଧାନ ଦେବା ପାଇଁ ଟୋକନ ପାଇବା ପରେ ଏହି ଚାଷୀମାନେ ପ୍ରାୟ ୭ ଶହ କୁଇଣ୍ଟାଲ ଧାନ ଆଣି ସମିତିରେ ପକାଇଥିଲେ। ପରବର୍ତ୍ତୀ ସମୟରେ ଟୋକନ୍ କଟିଯିବାରୁ ସେମାନେ ଧାନ ବିକି ନ ପାରି ହଇରାଣ ହେଉଛନ୍ତି। ସମିତି ପରିସରରେ ଧାନବସ୍ତା ପଡି ରହି ନଷ୍ଟ ହେବାକୁ ବସିଲାଣି। ଚାଷୀମାନେ ଏହାର ପ୍ରତିବାଦରେ ମଙ୍ଗଳବାର ସମିତିରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଚାଷୀମାନେ ଦର୍ଶାଇଛନ୍ତି ଯେ, ସମିତିକୁ ବିଭାଗ ଧାନକ୍ରୟ ପାଇଁ ଟାର୍ଗେଟ୍ ଦେଉ ନ ଥିବାରୁ ଆବଶ୍ୟକ ମୁତାବକ ଧାନ ଚାଷୀଙ୍କଠାରୁ ସମିତି କ୍ରୟ କରି ପାରୁନାହିଁ। ଚାଷୀଙ୍କୁ କୁପନ୍ ଦେଇ ପରବର୍ତ୍ତୀ ସମୟରେ ବିଭାଗ ଧାନକ୍ରୟ ପାଇଁ ଟାର୍ଗେଟ୍ ନ ଦେବା ଏକ ବିଡ଼ମ୍ବନା । ଏଥିଲାଗି ଟୋକନ୍ କାଟିଥିବା ଚାଷୀଙ୍କୁ ନୂତନ ଟୋକନ୍ ଦିଆଯାଉ। ସେହିପରି ଧାନକ୍ରୟ ପାଇଁ ଚୁକ୍ତିବଦ୍ଧ ହୋଇଥିବା ମିଲ୍‌ଗୁଡ଼ିକ ଧାନ ନିମ୍ନମାନର ହୋଇଥିବା କହି ଠିକ୍ ସମୟରେ ସମିତିକୁ ବୁରା ଦେଉ ନ ଥିବା ଅଭିଯୋଗ ହେଉଛି। ମଙ୍ଗଳବାର ଚାଷୀମାନେ ଏକତ୍ର ହୋଇ ସମବାୟ ସମିତିରେ ତାଲା ପକାଇ ଦେବାରୁ ସମିତି କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା।

# ଆରଡ଼ି ପୀଠରେ କଟକଣା

**ଆରଡି, ୧୭।୩, (ଡି.ଏନ.ଏ.)**

ଭଦ୍ରକ ଜିଲାର ଶୈବପୀଠ ଆରଡିରେ ମଙ୍ଗଳବାର ମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତମାନଙ୍କୁ କରୋନା ସମ୍ପର୍କରେ ସଚେତନ କରାଯାଇଥିଲା। ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ସଚେତନତା ବାର୍ତ୍ତାକୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପଢି ଶୁଣାଇଥିଲେ। ପୀଠକୁ ଆସୁଥିବା ଭକ୍ତମାନେ ମନ୍ଦିରକୁ ଯିବା ପୂର୍ବରୁ ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିବେ। ପରେ ନିଜ ସାଥିରେ ଆଣିଥିବା ସାନିଟାଇଜର ବ୍ୟବହାର କରି ୧ ମିଟର ବ୍ୟବଧାନରେ ଦକ୍ଷିଣ ଦ୍ୱାର ବାଟେ ଯାଇ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବେ। ମନ୍ଦିରରେ ଥିବା ଅନ୍ୟ ୩ ଦ୍ୱାରରେ ମନ୍ଦିର କର୍ମଚାରୀ ଉପସ୍ଥିତ ରହି ଭକ୍ତମାନଙ୍କୁ ଗୋଟିଏ ଦ୍ୱାର ଦେଇ ଯିବାକୁ ପରାମର୍ଶ ଦେବେ। ଦର୍ଶନ କାଳରେ ମନ୍ଦିର ଭିତରେ ଥିବା ଘଣ୍ଟି, ବୃଷଭ ଏପରିକି କୌଣସି ଜିନିଷକୁ ଭକ୍ତମାନେ ଯେପରି ସ୍ପର୍ଶ ନ କରନ୍ତି ସେଥିପ୍ରତି କଟକଣା କରାଯାଇଛି। ସେବାୟତ ମାନେ ନିଜକୁ ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ନିମନ୍ତେ ନାକ ଓ ପାଟିକୁ ଆବୃତ୍ତ କରିବା ପାଇଁ ଭୂତାଣୁ ପ୍ରତିରୋଧ ଆବରଣ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। ପୀଠକୁ ପରିଷ୍କାର ପରିଚ୍ଛନ୍ନ ରଖାଯିବା ସହ ମନ୍ଦିରପରିସରରେ ବିବାହ, ବ୍ରତ, ଚୂଳପକା ଆଦିକାର୍ଯ୍ୟ ବନ୍ଦ ରଖିବାକୁ କୁହାଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଆରଡି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ, ଆରଡି ସରପଞ୍ଚ ଅରବିନ୍ଦ ପାଢୀ, ମନ୍ଦିର ସହପରିଚାଳକ ସୁଧାକର ବିଶ୍ୱାଳ ଏବଂ ସେବାୟତ ପ୍ରମୁଖ ଉପସ୍ଥିତ ଥିଲେ।


ସଚେତନତା କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳକ ଓ ଅନ୍ୟମାନେ।

## ମୃଣ୍ମୟ ମୂର୍ତ୍ତି ସ୍ଥାନ ନେଲା ଦାରୁ ବିଗ୍ରହ

**ଭଦ୍ରକ ଅଫିସ, ୧୭।୩:** ଭଦ୍ରକ ବ୍ଲକ ଚରମ୍ପା ବରାଳପୋଖରୀ ଅଞ୍ଚଳର ଜାନୁଗଞ୍ଜ ଗାଁରେ ଜଗନ୍ନାଥଙ୍କ ମୃଣ୍ମୟ ମୂର୍ତ୍ତି ବିସର୍ଜନ ପରେ ସୋମବାର ଦାରୁବିଗ୍ରହ ପ୍ରତିଷ୍ଠା ହୋଇଛି। କାହିଁ କେଉଁ କାଳରୁ ବରାଳପୋଖରୀ ଅଞ୍ଚଳରେ ପ୍ରତିବର୍ଷ ପରି ରୀତିନୀତି ଅନୁଯାୟୀ ଠାକୁରଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇ ବିସର୍ଜନ କରାଯାଉଥିଲା। ସ୍ଥାନୀୟ ଅଞ୍ଚଳର ଯୁବକ ମନୋଜ ମହାନ୍ତି ପିଲାଟି ଦିନୁ ମାଟି ରଥ ତିଆରି କରି କାଳିଆ ଠାକୁରଙ୍କୁ ରଥାରଢ଼ କରି ବୁଲାଉଥିଲେ। ଏଥିସହ ପ୍ରତିଦିନ ପୂଜାର୍ଚ୍ଚନା କରୁଥିଲେ। ଥରେ ଜଗନ୍ନାଥ ଦର୍ଶନ କରିବାପାଇଁ ପୁରୀ ଯାଇ ସେଠାରୁ କାଠରେ ନିର୍ମିତ ତିନୋଟି ମୂର୍ତ୍ତି ଆଣି ଘରେ ପହଞ୍ଚିଥିଲେ। ସେହି ମୂର୍ତ୍ତି ଘରେ ପୂଜା ପାଇବା ଉପଯୋଗୀ ନୁହେଁ ବୋଲି ସ୍ଥାନୀୟ ଜଣେ ପଣ୍ଡିତ କହିଥିଲେ। ଏହା ପରେ ମନୋଜ ତିନୋଟି ମୂର୍ତ୍ତିକୁ ନେଇ ସ୍ଥାନୀୟ ଝାଟିଆ ସାହି ମଠରେ ରଖି ଦୀର୍ଘଦିନହେବ ପୂଜାର୍ଚ୍ଚନା କରିଆସୁଥିଲେ। ଛୋଟିଆ ଗ୍ୟାରେଜ ମିସ୍ତ୍ରି କାମ କରି ଗୁଜୁରାଣ ମେଣ୍ଟାଉଥିବା ମନୋଜ ନିଜ ହାତ ପାଣ୍ଠିରୁ କିଛି ଅର୍ଥ ସହ ଅନ୍ୟମାନଙ୍କ ସହଯୋଗରେ ନିଜ ସ୍ୱପ୍ନକୁ ସାକାର କରିବାପାଇଁ ଏକ ମନ୍ଦିର ନିର୍ମାଣ କରି ବିଗ୍ରହମାନଙ୍କୁ ମଙ୍ଗଳବାର ସ୍ଥାପନ କରିଛନ୍ତି। ପ୍ରତିଷ୍ଠା ଉତ୍ସବରେ ସ୍ଥାନୀୟ ଅଞ୍ଚଳରେ ବେଶ୍ ଭକ୍ତିପୂତ ପରିବେଶ ଦେଖିବାକୁ ମିଳିଥିଲା।

## ତିହିଡ଼ିରେ ସଚେତନତା କର୍ମଶାଳା

**ତିହିଡ଼ି, ୧୭।୩ (ଡି.ଏନ୍.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ କାର୍ଯ୍ୟାଳୟ ପରିସର ସ୍ଥିତ କୃଷି ସୂଚନା ପରାମର୍ଶ କେନ୍ଦ୍ର ସଭାଗୃହରେ ମଙ୍ଗଳବାର କରୋନା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷା ବିଦ୍ୟୁତଲତା ନାୟକ ପୌରୋହିତ୍ୟ କରିଥିଲେ। ତିହିଡ଼ି ମେଡ଼ିକାଲ ଅଫିସର ଡା. ଶୁଭକାନ୍ତ ଓଝା, ବ୍ଲକ କୃଷି ଅଧିକାରୀ ସମରେଶ ବେହେରା, ସହକାରୀ ଯନ୍ତ୍ରୀ ରଶ୍ମିରଞ୍ଜନ ମହାପାତ୍ର, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ନାୟକ ଏଥିରେ ଯୋଗ ଦେଇ କରୋନା ପ୍ରତି କିପରି ସତର୍କତା ଅବଲମ୍ବନ କରାଯିବ ସେନେଇ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ୍,
ବୟସ : (18-40)yrs.
Monthly salary upto
Rs. 25,000/-
Contact : Immediately
Mob : 8763257042

DIRECT JOIN
JOB LOCATION : BBSR / CTC
•CUSTOMER CARE
•DATA ENTRY
•RECEPTION
•BACK OFFICE
•SECURITY GUARD
Salary : 8000 to 20,000/-
9090758077, 9114090108

URGENTLY REQUIRED
Required one women/girl Graduate or Post Graduate with Psychology subject to work at Bhadrak, apply to President NUHASS, Plot No.773, Jayadev Vihar, Bhubaneswar-751013.
Salary negotiable.
M-9437041228
9040268680

ଆବଶ୍ୟକ
ମହିଳା ଆବାସିକ ଗୃହରେ ପରିଚାଳିକା ଭାବେ କାର୍ଯ୍ୟ କରିବା ପାଇଁ ଏମ୍ଏ ପାସ୍ କରିଥିବା ଓ ୨/୩ ବର୍ଷର ଅଭିଜ୍ଞତା ଥିବା ମହିଳା ପ୍ରାର୍ଥୀ ଆବଶ୍ୟକ।
ଯୋଗାଯୋଗ : ୯୪୩୮୬୭୪୯୧୦
୯୦୪୦୧୨୩୫୬୫

REQUIRED
Driver, CRM Sales, Floor Supervisor, Telecaller, Admin. Manager, Gen. Manager, Painter, Dentor for a 4 wheeler dealership.
Call: 9040640373 and 0674-6668822/6667709, Email id - edp.bhubaneswar@renault-india.com, siddharth9909@gmail.com

ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ କଲେଜ ନିମନ୍ତେ
Clerk, Peon, ବସ୍ ଡ୍ରାଇଭର, କାର ଡ୍ରାଇଭର, ହାଉସକିପିଂ Staff ଆବଶ୍ୟକ । ରହିବା ବ୍ୟବସ୍ଥା ଅଛି ।
BIMSR-1480, IRC Village
9040009727
8456845313

ଆବଶ୍ୟକ
Receptionist, Office Assistant, Supervisor, Computer Operator, Accountant, Telecaller & other Office Staffs ଆବଶ୍ୟକ ।
ବୟସ: (18-35) Yrs. Salary (Rs.7500 to Rs.25000)
Contact : 9938676412

ଆବଶ୍ୟକ
ସିକ୍ୟୁରିଟି ଗାର୍ଡ
(ରହିବା ମାଗଣା)
ମାସିକ ଦରମା - 9000/- ରୁ 16000/- ଏବଂ EPF+ESI ଅଛି ।
ନିଯୁକ୍ତି ସ୍ଥାନ - ଭୁବନେଶ୍ୱର, କଟକ, ଯାଜପୁର, ପାରାଦ୍ୱୀପ, ଝାରସୁଗୁଡା
M : 8917637741, 8342041401

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ନିଜ ବ୍ଲକ୍ ରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ 10th / +2 & above Qualification ଥିବା candidate ଆବଶ୍ୟକ ।
ଦରମା - 7000/- ରୁ 40000/-
9777639313

ବଢେଇ ଦରକାର!!
ମାସିକ ଦରମା ଭିତ୍ତିରେ କାଠ-ତିଆରି ଫର୍ଣ୍ଣିଚର ସ୍ଥାପନ/ଇନ୍‌ଷ୍ଟାଲେସନ୍ ପାଇଁ କାଠ-ମିସ୍ତ୍ରି ଆବଶ୍ୟକ। ନିଜର ଦୁଇ-ଚକିଆ ଯାନ, ଡ୍ରିଲିଂ ମେସିନ୍, ସ୍ପାନର ସେଟ୍ ଥିବା ଜରୁରୀ। ତୁରନ୍ତ ଯୋଗାଯୋଗ କରନ୍ତୁ # 7070408283

RAILWAY JOBS
Petty Repair (ITI) : 14000/-
Bed Roll (10th) : 10000/-
Supervisor (+2/+3) : 15000/-
Storekeeper (+2/+3) : 15000/-
Goods Guard (10th/+2) : 10000/-
JOB LOCATION : Angul, Balangir, Rayagada, Sambalpur, Koraput
CONTACT : 9178912298

URGENTLY REQUIRED
Receptionist
Accountant
Administrative Officer
Graduate with Adequate knowledge in the same field.
Interested Candidates may Contact
Mob.: 7381030715
Or send their updated Resume to srikantapattanaik35@gmail.com

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ବୁଧବାର, ମାର୍ଚ୍ଚ ୧୮/୨୦୨୦ Balasore, Wednesday, March 18/2020

# ବିଦେଶ ଫେରନ୍ତା ଯୁବକଙ୍କୁ ପର୍ଯ୍ୟବେକ୍ଷଣରେ ରହିବାକୁ ପରାମର୍ଶ

ଭଣ୍ଡାରିପୋଖରୀ, ୧୭।୩(ଡି.ଏନ୍.ଏ.)

ସାରା ବିଶ୍ୱରେ କରୋନା ଭାଇରସ୍ ଆତଙ୍କ ଖେଳାଇ ଦେଇଥିବାବେଳେ ଏହାକୁ ରୋକିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ସଚେତନତା ସୃଷ୍ଟି କରାଯାଉଛି। ବିଦେଶରୁ ଫେରୁଥିବା ଲୋକଙ୍କ ଉପରେ ସତର୍କ ଦୃଷ୍ଟି ରଖାଯାଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ଏକ ଗ୍ରାମର ଜଣେ ବ୍ୟକ୍ତି ମ୍ୟାନ୍‌ମାରରୁ ଗତ ୧୧ ତାରିଖରେ ଆସି କୋଲକାତା ଏୟାରପୋର୍ଟରେ ଓହ୍ଲାଇ ଟ୍ରେନ ଯୋଗେ ଘରକୁ ଆସିଥିଲେ। ଏୟାରପୋର୍ଟରେ ତାଙ୍କର ପରୀକ୍ଷା ହୋଇ ନେଗେଟିଭ ଥିବା ଜଣାପଡିଥିଲା। ତେବେ ସେ ମ୍ୟାନ୍‌ମାରରୁ ଫେରିଥିବା ଖବର ପାଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚ୍‌ଓ ଅନୀତାରାଣୀ ରାଉତ ସୋମବାର ଗାଁରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଭେଟିଥିଲେ। ତାଙ୍କୁ ୨୮ ଦିନ ପର୍ଯ୍ୟବେକ୍ଷଣରେ ରଖାଯିବ, ସେ କାହା ସହିତ ମିଶିବେ ନାହିଁ, ମାସ୍କ ବ୍ୟବହାର କରିବେ ବୋଲି ସେ ପରାମର୍ଶ ଦେଇଥିଲେ। ଏଥିସହ ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମ ମାନି ଚାଲିବା ପାଇଁ ସର୍ତ୍ତାବଳୀରେ ଦସ୍ତଖତ କରାଇଥିଲେ। ସେହିପରି ଏହି ବ୍ଲକ ମଞ୍ଜୁରିରୋଡ଼ ଅଞ୍ଚଳ ରାଜେନ୍ଦ୍ରପୁର ପଞ୍ଚାୟତ ଏକ ଗାଁର ଜଣେ ଯୁବକ ଆଫ୍ରିକା ମହାଦେଶର ମରିସସ୍‌ରେ ରହି ସୋମବାର ଗ୍ରାମକୁ ଫେରିଛନ୍ତି। ସେ ଆଫ୍ରିକାରୁ ମୁମ୍ବାଇ ଦେଇ ପରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ଟ୍ରେନ ଯୋଗେ ଘରକୁ ଆସିଛନ୍ତି। ଏ ନେଇ ସ୍ଥାନୀୟ ଲୋକ ପୋଲିସକୁ ଜଣାଇବା ପରେ ଯୁବକ ଜଣକ ଭଦ୍ରକ ଜିଲା ଚିକିତ୍ସାଳୟରେ ପହଞ୍ଚି ଆବଶ୍ୟକ ପରାମର୍ଶ ନେଇଥିବା ଜଣାଯାଇଛି।

# ବିଲୁପ୍ତ ହେବାକୁ ବସିଲାଣି କୁଣ୍ଡି ନଦୀ

ତିହିଡ଼ି, ୧୭।୩(ସ୍ୱ.ପ୍ର.)

ନଦୀ ଏକ, ନାମ ଏକାଧିକ । ଏପରି ଏକ ନଦୀ ହେଲା କୁଣ୍ଡି ନଦୀ। ଭିନ୍ନ ଭିନ୍ନ ସ୍ଥାନରେ ଲୋକେ ଏହାକୁ ବୂଡ଼ାଖିଆ, ଗୁପ୍ତଗଙ୍ଗା, କରଞ୍ଜିଇ, ଧଳା ନଦୀ ବୋଲି କହନ୍ତି। ଭଦ୍ରକ ଜିଲାର ସାଳନ୍ଦୀ ନଦୀ ସହିତ ସଂଯୋଗ କରୁଥିବା ଦଶମୌଜା କେନାଲ ଅଞ୍ଚଳରୁ ଏହା ବେନ୍ତାଳ ପଞ୍ଚାୟତ ଭବାନୀବିନ୍ଧା ମୌଜାର ବାଗସିରିଆଠାରୁ ବାହାରି ଦଧିବାମନପୁରଠାରେ ମନ୍ତେଇ ନଦୀକୁ ସଂଯୋଗ କରୁଛି।



ପୋତିହୋଇ ପଡ଼ିଥିବା କୁଣ୍ଡି ନଦୀର ଅଂଶ ବିଶେଷ।

ସରକାରୀ ଭାବେ ନଦୀର ମାନ୍ୟତା ପାଇ ନ ଥିଲେ ବି ଭଦ୍ରକ, ତିହିଡ଼ି ଓ ବାସୁଦେବପୁର ବ୍ଲକ ଅଧୀନ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଜୀବନ ରେଖାଭାବେ ପରିଚିତ ଏହି ନଦୀ ଏବେ ସମ୍ପୂର୍ଣ୍ଣ ବିଲୁପ୍ତ ହେବାକୁ ବସିଲାଣି।

ସ୍ଥାନୀୟ ପୁରୁଖା ଚାଷୀଙ୍କ ସୂଚନା ଅନୁଯାୟୀ, ସେମାନେ ଆଗରୁ କୁଣ୍ଡି ନଦୀ ଉପରେ ନିର୍ଭରକରି ଖରିଫ ଓ ରବି ଚାଷ କରୁଥିଲେ। କ୍ରମଶଃ ଏହା ପୋତି ହୋଇପଡ଼ିବାରୁ ୨୦୦୮ରୁ ନଦୀତଟ ଅଞ୍ଚଳରେ ଚାଷ ବନ୍ଦ ହୋଇ ଗଲାଣି। ବିଭିନ୍ନ ସ୍ଥାନରେ ମାଟି ଅତଡ଼ା ଧସି ଏହି ନଦୀ ସଙ୍କୁଚିତ ହେବା ସହ କେତେକ ସ୍ଥାନରେ ସ୍ଥିତି ହରାଇବସିଛି। ପୂର୍ବରୁ ଏଥିରେ ସାଳନ୍ଦୀ ନଦୀର ମଧୁର ଜଳ ପ୍ରବାହିତ ହେଉଥିଲା । କିନ୍ତୁ ଏବେ ମନ୍ତେଇ ନଦୀର ଲୁଣା ପାଣି କୁଣ୍ଡି ନଦୀକୁ ପ୍ରବେଶ କରୁଛି। ଏଥିଲାଗି ଚାଷୀମାନେ ଆଉ ରବି ଫସଲ କରି ପାରୁ ନାହାନ୍ତି। ଏ ସମ୍ପର୍କରେ ଚାଷୀମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଥିବା ସ୍ଥାନୀୟ ଚାଷୀ ରାଜେନ୍ଦ୍ର ଗାରେଡ଼ି ଓ ଅନ୍ୟ ଗ୍ରାମବାସୀ କହିଛନ୍ତି। ନଦୀ ସଂସ୍କାର ଯୋଜନାରେ କୁଣ୍ଡି ନଦୀକୁ ଗଭୀର ଓ ଓସାରିଆ କରି ଜଳସେଚନ ବ୍ୟବସ୍ଥା କରିବା ସକାଶେ କ୍ଷେତ ମଜଦୁର ୟୁନିୟନ ବାରମ୍ବାର ଦାବିକରି ଆସୁଛି। ପାଳିଆଠାରେ ଏକ ସ୍ଲୁଇସ ଗେଟ୍ କରାଗଲେ ଲୁଣାପାଣିକୁ ରୋକାଯାଇ ପାରିବ ବୋଲି ଦାବି କରାଯାଇ ଆସୁଛି। ଧାମନଗର ବିଧାୟକ ବିଷ୍ଣୁ ସେଠୀ ତିହିଡ଼ି ବ୍ଲକ ଅଞ୍ଚଳରେ ପ୍ରବାହିତ କୁଣ୍ଡି ନଦୀର ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ ଲାଗି ମଧ୍ୟ ଦାବି କରିଛନ୍ତି। ସର୍ବେକ୍ଷଣ ଏବଂ ତଦନ୍ତ ପରେ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରି ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଥିଲେ ବି ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଏ ସମ୍ପର୍କରେ ତିହିଡ଼ି ତହସିଲଦାର ରମେଶ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ କହିଛନ୍ତି, କୁଣ୍ଡିନଦୀର ପୁନରୁଦ୍ଧାର ଲାଗି ବହୁ ଅର୍ଥର ଆବଶ୍ୟକତା ରହିଛି। ତେବେ ଜଳ ସମ୍ପଦ ବିଭାଗ ମାଧ୍ୟମରେ ଏହାର ପୁନରୁଦ୍ଧାର ପାଇଁ ଯୋଜନା କରାଯାଉଛି।

# ଦୁଇ ଜିଲାର ଗୋଟିଏ ହାଟ

ହରି ନାରାୟଣ ମହାନ୍ତି
ବନ୍ତ, ୧୭।୩

ଭଦ୍ରକ ଓ କେନ୍ଦୁଝର ଜିଲା ସୀମାବର୍ତ୍ତୀ ବସନ୍ତିଆ ହାଟ ଦୁଇ ଜିଲା ମଧ୍ୟରେ ପ୍ରାୟ ଶହେ ବର୍ଷ ଧରି ସମ୍ପର୍କର ସେତୁ ଗଢି ଆସିଛି। ସଜ ପନିପରିବାଠାରୁ ଆରମ୍ଭ କରି ମାଛ, ମାଂସ, ବିଭିନ୍ନ କୃଷି ଜାତ ଦ୍ରବ୍ୟ ଓ ଉପକରଣ ହାଟରେ ଉପଲବ୍ଧ ହୋଇଥାଏ। ଦୁଇ ଜିଲାର ଉପାନ୍ତବାସୀଙ୍କ ତେଲଲୁଣ ଭଳି ମୌଳିକ ଆବଶ୍ୟକତା ମେଣ୍ଟାଇବା ସାଙ୍ଗକୁ ବାଣିଜ୍ୟିକ, ସାମାଜିକ ଓ ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବାରେ ଏହା ସହାୟକ ହୋଇଆସିଛି।

ଭଦ୍ରକ-ଆନନ୍ଦପୁର ୫୩ ନଂ.ରାଜ୍ୟ ରାଜପଥର ବସନ୍ତିଆଠାରେ ଏହି ହାଟ ଅବସ୍ଥିତ । ପ୍ରାୟ ୨ ଏକରରୁ ଅଧିକ ଜମିରେ ବସୁଥିବା ଉକ୍ତ ହାଟରେ ଶତାଧିକ ହାଟ ଚାଳି ରହିଛି। ପ୍ରତି ସପ୍ତାହରେ ମଙ୍ଗଳବାର ଓ ଶୁକ୍ରବାର ଦୁଇ ଦିନ ହାଟ ବସିଥାଏ। ଭଦ୍ରକ, କେନ୍ଦୁଝର ଓ ଯାଜପୁର ଜିଲାର ବ୍ୟବସାୟୀ ମାନେ ଏଠାକୁ ଆସି ବ୍ୟବସାୟ କରିଥାନ୍ତି। କଥିତ ଅଛି ଯେ, ପ୍ରାୟ ୧୦୦ ବର୍ଷ ପୂର୍ବେ କେନ୍ଦୁଝର ଜିଲା ଓରାଳି ଗ୍ରାମର ସ୍ୱର୍ଗତ ଗୋଲକ ପଟ୍ଟନାୟକ, ବଳରାମ ପଟ୍ଟନାୟକ, ନନ୍ଦିପଦା ଗ୍ରାମର ମୁକୁନ୍ଦ ଚରଣ ସୁଆର, ଜଗନ୍ନାଥପୁର ଗ୍ରାମର ସନାତନ ନାୟକ, ବସନ୍ତିଆ ଗ୍ରାମର ହରେକୃଷ୍ଣ ମଇକାପ, ଚିନ୍ତାମଣି ପାଣିଗ୍ରାହୀ, ହଳଧର ପଣ୍ଡାଙ୍କ ଉଦ୍ୟମ କ୍ରମେ ଏଠାରେ ହାଟ ପ୍ରତିଷ୍ଠା ହୋଇଥିଲା । ୫୩ ନଂ.ରାଜ୍ୟ ରାଜପଥ କଡ଼ ବସନ୍ତିଆ ହାଟ ପଡିଆକୁ ନେଇ ଦୀର୍ଘ ୫୦ ବର୍ଷ ପୂର୍ବେ ବିବାଦ ମୁଣ୍ଡ ଟେକିଥିଲା। ହାଟ ସୀମାକୁ ନିଜ ଅଞ୍ଚଳ ବୋଲି କହି ଉଭୟ ଭଦ୍ରକ ଓ କେନ୍ଦୁଝର ଜିଲାର ଲୋକେ ଅଡି ବସିଥିଲେ। ଶେଷରେ ଉଚ୍ଚ ନ୍ୟାୟାଳୟକୁ ବିବାଦ ଯାଇଥିଲା। ଉକ୍ତ ହାଟର ସୀମା ଭଦ୍ରକ ଜିଲା ବନ୍ତ ବ୍ଲକ ବସନ୍ତିଆ ମୌଜାରେ ୪୦ ଭାଗ ଏବଂ କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ଓରାଳି ପଞ୍ଚାୟତ ନନ୍ଦିପଦା ମୌଜାରେ ୬୦ ଭାଗ ଥିବା ଉଚ୍ଚ ନ୍ୟାୟାଳୟ ଆଦେଶନାମା ଦେଇଥିଲେ । ଏହାକୁ ରାଜ୍ୟ ସରକାର କାଏମ ରଖିଥିଲେ । ସେବେଠାରୁ ଏହାକୁ ଦୁଇ ଜିଲାର ଗୋଟିଏ ହାଟ ବୋଲି ଲୋକେ କହି ଆସୁଛନ୍ତି। ବର୍ତ୍ତମାନ ଓରାଳି ପଞ୍ଚାୟତ ହାଟକୁ ପରିଚାଳନା କରୁଛି । ଦୀର୍ଘ ୨୦ ବର୍ଷ ତଳେ ହାଟ ଯେଉଁଭଳି ଚାଲୁଥିଲା ତାହା ଏବେ ଦେଖିବାକୁ ମିଳୁ ନାହିଁ । ଉଭୟ ଜିଲା ପ୍ରଶାସନ ତଥା ଜନପ୍ରତିନିଧିଙ୍କ ଆନ୍ତରିକତାର ଅଭାବ ଯୋଗୁ ହାଟର ଭିତ୍ତିଭୂମି ବିକାଶ ନ ହେବା ଏଥିରେ ଅନ୍ତରାୟ ସାଜିଛି। ଏଣୁ ହାଟ ପରିଚାଳନା ଦାୟିତ୍ୱ ଆର୍.ଏମ୍.ସି.କୁ ଦିଆଗଲେ ବିକାଶ ସମ୍ଭବ ହେବା ସହ ଅଧିକ ରାଜସ୍ୱ ଆଦାୟ ହୋଇ ପାରନ୍ତା ବୋଲି ଓରାଳି ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ରତିକାନ୍ତ ନାୟକ, ବସନ୍ତିଆ ଗ୍ରାମର ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି । ଭଦ୍ରକ ଜିଲା ବନ୍ତ ବ୍ଲକର ବସନ୍ତିଆ, ଛୟାଳସିଂ, ନିଳୋକ, ଟିଲୋ, ରାମଚନ୍ଦ୍ରପୁର, ବନ୍ତ, ପଧାନପଡା ଏବଂ କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ଓରାଳି, କଳିଗାଁ, ମରିଗାଁ, ହାଟଡିହୀ, ଇଞ୍ଜୋଳ, ରମ୍ଭାସ ଆଦି ପଞ୍ଚାୟତର ଲୋକେ ଅଧିକ ଭାବେ ଏହି ହାଟ ଉପରେ ନିର୍ଭରଶୀଳ ଥିବାରୁ ଏହାର ଭିତ୍ତିଭୂମି ବିକାଶ ଲାଗି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।



ବସନ୍ତିଆ ହାଟରେ ଗ୍ରାହକମାନେ ପନିପରିବା କିଣୁଛନ୍ତି।

- ବାଣିଜ୍ୟିକ, ସାମାଜିକ ଓ ସାଂସ୍କୃତିକ ସମ୍ପର୍କର ସେତୁ
- ଭିତ୍ତିଭୂମି ବିକାଶ ପାଇଁ ଆନ୍ତରିକତାର ଅଭାବ
- ଏକଦା ସୀମା ବିବାଦ ଚର୍ଚ୍ଚାରେ ଥିଲା

# ମିଳୁନି ମାସ୍କ ଓ ସାନିଟାଇଜର

ବନ୍ତ, ୧୭।୩(ସ୍ୱ.ପ୍ର.)

ମହାମାରୀ କରୋନା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସତର୍କତା ଜାରି କରାଯାଇ ଲୋକଙ୍କୁ ଜରୁରୀ ଆବଶ୍ୟକତା ନ ଥିଲେ ଘରୁ ବାହାରକୁ ନ ଆସିବା ପାଇଁ ପରାମର୍ଶ ଦିଆଯାଇଛି। ଏଥିସହ ମାସ୍କ ଓ ସାନିଟାଇଜେସନ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। କିନ୍ତୁ ଭଦ୍ରକ ଜିଲା ବନ୍ତ ଓ ଆଗରପଡା ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ମାସ୍କ ଓ ସାନିଟାଇଜର ମିଳୁ ନ ଥିବା ଅଭିଯୋଗ ହେଉଛି। ଏ ପରିକି ସ୍ୱାସ୍ଥ୍ୟକେନ୍ଦ୍ରରୁ ମଧ୍ୟ ମାସ୍କ ମିଳୁନାହିଁ। ଏ ସମ୍ପର୍କରେ ଆଗରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିପିଏମ୍‌ରୁ ଜୟନ୍ତ କୁମାର ଭୋଇଙ୍କୁ ପଚାରିବାରୁ କହିଛନ୍ତି, ଏଯାଏ ସରକାରଙ୍କ ପକ୍ଷରୁ ମେଡିକାଲକୁ ମାସ୍କ ଯୋଗାଇ ଦେବାର କୌଣସି ବ୍ୟବସ୍ଥା ନାହିଁ। କେହି ସନ୍ଦିଗ୍ଧ କରୋନା ରୋଗୀ ହୋଇଥିଲେ, ସେମାନଙ୍କୁ ଏହା ଦିଆଯାଇପାରିବ ।

# ଲାଇସେନ୍‌ସ ନବୀକରଣ ବନ୍ଦ ନିର୍ଦ୍ଦେଶ ନେଇ ଆପତ୍ତି ଜଣାଇଲା ସଂଘ

ତିହିଡ଼ି, ୧୭।୩ (ଡି.ଏନ୍.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳର ଥିବା ୧୨ଜଣ ରିଟେଲରଙ୍କ ଲାଇସେନ୍ସ ନବୀକରଣ ନ କରିବାକୁ ଯୋଗାଣ ବିଭାଗ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ୧୦୬ ମେଶିନରେ ଅପ୍ରମାଣିକୃତ ଭାବେ ସାମଗ୍ରୀ ବଣ୍ଟନ କରାଯିବା ନେଇ ଏଭଳି ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ବ୍ଲକର ରିଟେଲର ସଂଘର କର୍ମକର୍ତ୍ତାମାନେ ଏହାକୁ ବିରୋଧ କିର ମଙ୍ଗଳବାର ବିଡିଓଙ୍କୁ ଭେଟି ଲାଇସେନ୍ସ ନବୀକରଣ କରିବା ସକାଶେ ଦାବି କରିଛନ୍ତି। ଆଗାମୀ ଦିନରେ ପ୍ରମାଣିକୃତ ହାର ବୃଦ୍ଧି ପାଇଁ ସେମାନେ ଦୃଷ୍ଟି ଦେବେ ବୋଲି କହିଛନ୍ତି। ସଂଘ ପକ୍ଷରୁ ଏ ସମ୍ପର୍କରେ ଜିଲାପାଳ, ଉପଜିଲାପାଳ ଏବଂ ବ୍ଲକ ଯୋଗାଣ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ ୧୦୬ ମେଶିନରେ ସାମଗ୍ରୀ ବଣ୍ଟନ ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ମେଶିନରେ ବେଳେବେଳେ ଅଫ୍‌ଲାଇନ ଥିବାରୁ ହିତାଧିକାରୀଙ୍କୁ ସେମାନଙ୍କ ଟିପ ଚିହ୍ନ ନେଇ ସାମଗ୍ରୀ ବଣ୍ଟନ କରାଯାଉଛି। ଏ ପରିକି ଆଧାର ଲିଙ୍କ୍ ହୋଇ ନ ଥିବା ହିତାଧିକାରୀଙ୍କୁ ଅପ୍ରମାଣିକୃତ ଭାବେ ସାମଗ୍ରୀ ବଣ୍ଟନ କରାଯାଉଛି। କେତେକ ରାଶନ କାର୍ଡ଼ରେ ମିଶ୍ ମ୍ୟାଚ୍ ଥିବାରୁ ଆଧାର ପ୍ରମାଣୀକୃତ ଭାବେ ସାମଗ୍ରୀ ବଣ୍ଟନ ହୋଇପାରୁନାହିଁ । ସଂଘର ସଭାପତି ରବୀନ୍ଦ୍ର ମହାକୁଡ଼, ଲକ୍ଷ୍ମୀକାନ୍ତ ନାୟକ, ମାର୍କଣ୍ଡ ମଳିକ, ବିଷ୍ଣୁମୋହନ ପତି, ରମେଶ ଚନ୍ଦ୍ର ଜେନା, ସୁବାସ ଦାସ, ଭାସ୍କର ପରିଡ଼ା, ନାରାୟଣ ନାୟକ, ଭାଗୀରଥି ବେହେରା ପ୍ରମୁଖ କର୍ତ୍ତୃପକ୍ଷଙ୍କ ନିକଟରେ ଏହି ଅଭିଯୋଗ ଦର୍ଶାଇଛନ୍ତି।

# ବାଲିଘାଟରେ ଫ୍ଲାଇଂ ସ୍କ୍ୱାଡ୍

ଘସିପୁରା, ୧୭।୩ (ଡି.ଏନ.ଏ.)- ଆନନ୍ଦପୁର ଉପଖଣ୍ଡରେ ଲଘୁ ଖଣିଜ, ମଦ ଆଦି ଚୋରାକାରବାର ଉପରେ ଲଗାମ ଲଗାଇବାକୁ ଜିଲା ପୋଲିସ ପ୍ରଶାସନ ଦ୍ୱାରା ଗଠିତ ସ୍ୱତନ୍ତ୍ର ଫ୍ଲାଇଂ ସ୍କ୍ୱାର୍ଡ ମଙ୍ଗଳବାର ଆନନ୍ଦପୁର ତହସିଲ ଅଧୀନ ଟୁକୁଣା ବୈତରଣୀ ବାଲିଘାଟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆଖପାଖ ପ୍ରାୟ ୫ରୁ ଅଧିକ ଗାଁ ଏହି ଘାଟରେ ଚାଲିଥିବା ବେଆଇନ ବାଲି ଚାଲାଣକୁ ଦୀର୍ଘଦିନ ହେବ ବିରୋଧ କରି ଆସୁଛନ୍ତି। ଲିଜ ଅଞ୍ଚଳ ବାହାରୁ ମନଇଚ୍ଛା ଅଧିକ ବାଲି ଖନନ କରି ଦୁର୍ବଳ ବୈତରଣୀ ନଦୀ ବନ୍ଧରେ ଭାରିଯାନ ଯୋଗେ ରାତାରାତି ପରିବହନ କରାଯାଉଥିବା ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ଅନୁଧ୍ୟାନ ପାଇଁ ଏସଆଇ ବିଶ୍ୱଜିତ ବେହେରାଙ୍କ ନେତୃତ୍ୱରେ ଗଠିତ ଫ୍ଲାଇଂ ସ୍କ୍ୱାଡ ବାଲିଘାଟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି। ନିୟମ ଅନୁଯାୟୀ ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ମାସ୍କର କଳାବଜାର

**ଚମ୍ପୁଆ, ୧୭।୩(ଡି.ଏନ.ଏ.)-** ସବୁଆଡ଼େ କରୋନା ଭାଇରସ ଭୟ ବଢ଼ିବାରେ ଲାଗିଥିବା ବେଳେ ପ୍ରତିରୋଧ ପାଇଁ ଜନସାଧାରଣ ମୁହଁରେ ମାସ୍କ ବ୍ୟବହାର କରୁଛନ୍ତି। ଚମ୍ପୁଆ ଅଞ୍ଚଳରେ ମଧ ଏହି ମାସ୍କର ବ୍ୟବହାର ବଢ଼ିବାରେ ଲାଗିଛି। ଲୋକଙ୍କ ଚାହିଦା ପାଇଁ ମାସ୍କର କାରବାର ବଢ଼ିବାରେ ଲାଗିଛି ସତ ହେଲେ ଏହାର ଦାମ୍‌କୁ ନେଇ କଳାବଜାର ଚାଲିଛି। ଦିନକ ତଳେ ବଜାରରେ ବିକ୍ରି ହେଉଥିବା ମାସ୍କର ଦାମ ୨ରୁ ୩ ଗୁଣ ବଢ଼ିଯାଇଛି। ୨ଦିନ ତଳେ ୨୦ ରୁ ୫୦ ଟଙ୍କା ମଧରେ ବିକ୍ରିହେଉଥିବା ଏହି ମାସ୍କ ଏବେ ୩ ଗୁଣ ଦରରେ ବିକ୍ରି କରାଯାଉଛି।

### ସରକାରୀ ନିର୍ଦ୍ଦେଶନାମା ପାଳନରେ ବ୍ୟତିକ୍ରମ

**ଆନନ୍ଦପୁର,୧୭।୩(ସ୍ୱ.ପ୍ର.)-** କରୋନାକୁ ଦୃଷ୍ଟିରେ ରଖି ଶିକ୍ଷାବିଭାଗ ପକ୍ଷରୁ ସମସ୍ତ ସରକାରୀ ବେସରକାରୀ ବିଦ୍ୟାଳୟ ଗୁଡ଼ିକୁ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯିବା ସହିତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ମଧ ସ୍କୁଲକୁ ଆସିବାକୁ ବାରଣ କରାଯାଇଛି। ହେଲେ ଶାଳପଡ଼ା ଠାରେ ଥିବା ଆନନ୍ଦପୁର ଆଦର୍ଶ ବିଦ୍ୟାଳୟରେ ଏହାର ବ୍ୟତିକ୍ରମ ମଙ୍ଗଳବାର ଦେଖିବାକୁ ମିଳିଛି। ଏସମ୍ପର୍କରେ ଆଦର୍ଶ ବିଦ୍ୟାଳୟର ଅଧକ୍ଷ ସତ୍ୟବ୍ରତ ସାମଲଙ୍କ କହିବା ଅନୁଯାୟୀ, ସ୍କୁଲ ଓ ଗଣଶିକ୍ଷା ବିଭାଗ ନିକଟରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ତାଙ୍କର ହସ୍ତଗତ ହୋଇଛି, ହେଲେ ଓଏଭିରୁ ନିର୍ଦ୍ଦେଶ ମିଳିବାରେ ବିଳମ୍ବ ହୋଇଥିବାରୁ ଏଭଳି ଘଟଣା ଘଟିଛି। ଗୋଟିଏ ପଟେ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ଆସିବାକୁ ବାରଣ କରାଯାଇଥିବାବେଳେ ଶିକ୍ଷୟିତ୍ରୀଶିକ୍ଷକ କେଉଁ କାରଣରୁ ବିଦ୍ୟାଳୟକୁ ଆସିଥିଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ୩ ସ୍ଥାନରେ ହେବ ଆଇସୋଲେଶନ ସେଣ୍ଟର

**ବଡ଼ବିଲ, ୧୭।୩(ସ.ପ୍ର.)-** କରୋନା ପାଇଁ କେନ୍ଦୁଝର ଜିଲା ବଡ଼ବିଲରେ ପ୍ରଶାସନ ତତ୍ପର ହୋଇଛି। ବଡ଼ବିଲ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସୂଚନା ଦେଇ କହିଛନ୍ତି ଯେ, ବଡ଼ବିଲର ତିନୋଟି ସ୍ଥାନରେ କରୋନା ସନ୍ଦିଗ୍ଧଙ୍କ ନିମନ୍ତେ ଆଇସୋଲେଶନ ଶିବିରର ବ୍ୟବସ୍ଥା ହେବ। ବଡ଼ବିଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଇନ୍‌ଡୋର ଷ୍ଟାଡିୟମ ଏବଂ ମାଟକାମବେଡା ହାଇସ୍କୁଲରେ ଆଇସୋଲେଶନ ସେଣ୍ଟର ପାଇଁ ହେବ ବ୍ୟବସ୍ଥା। ସେଥିନିମନ୍ତେ ଉକ୍ତ ସ୍ଥାନ ମାନ ନିରୂପଣ କରାଯାଇ ସରକାରଙ୍କ ମଞ୍ଜୁରୀ ନିମନ୍ତେ ପଠାଯାଇଛି। ତେବେ ପୌର କର୍ମଚାରୀ ମାନଙ୍କୁ ବିଭିନ୍ନ ସ୍ଥାନରେ ବାହାର ରାଜ୍ୟରୁ ଆସୁଥିବା ଲୋକମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିୟୋଜିତ କରାଯାଇଛି।

# ‘ଭୟଭୀତ ନ ହୋଇ ସଚେତନ ହେବାକୁ ପରାମର୍ଶ’

**କେନ୍ଦୁଝର, ୧୭।୩ (ସ୍ୱ.ପ୍ର./ଡି.ଏନ୍.ଏ.)**

କରୋନା ଭାଇରସ୍ ସଂକ୍ରମଣକୁ ପ୍ରତିରୋଧ କରିବା ନିମନ୍ତେ ଜନସାଧାରଣ ଭୟଭୀତ ନହୋଇ ମାନସିକସ୍ତରରେ ଦୃଢ ରହି ସଚେତନ ହେବାକୁ ଜିଲାପାଳ ଆଶିଷ ଠାକରେ ନିବେଦନ କରିଛନ୍ତି । କରୋନା ଭାଇରସ୍ କୋଭିଡ୍-୧୯ର ପ୍ରତିରୋଧ ପାଇଁ ଜିଲା ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇ ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଜିଲାବାସୀଙ୍କୁ ବାର୍ତ୍ତା ଦେଇ ଜିଲାପାଳ କହିଛନ୍ତି ଯେ, ଯେହେତୁ କରୋନାକୁ ମହାମାରୀ ଘୋଷଣା କରାଯାଇଛି, ଏଣୁ ଏହାର ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସମସ୍ତେ ସତର୍କ ରହିବା ଏକାନ୍ତ ଆବଶ୍ୟକ। ନିଜକୁ ଓ ନିଜ ପରିବାରର ସଦସ୍ୟଙ୍କୁ ସୁରକ୍ଷିତ ରଖିବା ପାଇଁ ସମସ୍ତଙ୍କୁ ପ୍ରତିବଦ୍ଧତାର ସହ ଦାୟିତ୍ୱ ସଂପନ୍ନ କରବାକୁ ପଡିବ । ଏଣୁ ସାମାଜିକ ଓ ଧାର୍ମିକ ଜନସମାଗମ, ଉତ୍ସବ, ବିବାହ, ବ୍ରତ ଆଦି ସମାଗମରୁ ଦୂରେଇ ରହିବା, ଅଯଥାରେ ବାହାରକୁ ନ ବାହାରି ଘର ଭିତରେ ରହିବା, ଅନ୍ୟମାନଙ୍କ ସହ ମିଳାମିଶାକୁ କମ କରିବା, ବାରମ୍ବାର ସାବୁନ୍‌ରେ ହାତ ଧୋଇବାକୁ ନିବେଦନ କରିଛନ୍ତି। ଏତଦ୍‌ବ୍ୟତୀତ ଜ୍ୱର, କାଶ, ଛିଙ୍କ, ଶ୍ୱାସକ୍ରିୟାରେ ଅସୁବିଧା ହେଲେ ଡାକ୍ତରଙ୍କ ସହ ପରାମର୍ଶ କରି ଘରେ ରହିବା, ଗୁଜବ, ଅପପ୍ରଚାରରୁ ଦୂରେଇ ରହିବା ପାଇଁ ନିବେଦନ କରିଛନ୍ତି।

ଜିଲାପାଳଙ୍କ ଅଧ୍ୟକ୍ଷତାରେ ଚଳିତ ମାର୍ଚ୍ଚ ୧୬ ତାରିଖରେ ବିଭିନ୍ନ ପର୍ଯ୍ୟାୟରେ ଜିଲାର ବରିଷ୍ଠ ଅଧିକାରୀ, ବିଡିଓ, ପୌରପାଳିକାର ନିର୍ବାହୀ ଅଧିକାରୀ, ହୋଟେଲ୍ ମାଲିକ, ବସ୍ ମାଲିକ, ପରିବହନ ବିଭାଗର ଅଧିକାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାଁ ସ୍ତରରୁ ସହରାଞ୍ଚଳ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ପଦକ୍ଷେପ ନେବାକୁ ଜିଲାପାଳ ସ୍ୱାସ୍ଥ୍ୟ ବିଭାଗ, ବିଡିଓ ଏବଂ ପୌରପାଳିକାର ନିର୍ବାହୀ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତି ଗାଁରେ ମାଇକ ଯୋଗେ ସଚେତନତା ବାର୍ତ୍ତା ପ୍ରଚାର କରିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଆଗୁଆ ପଦକ୍ଷେପ ସ୍ୱରୂପ ବ୍ଲକ୍/ମ୍ୟୁନିସିପାଲିଟି ସ୍ତରରେ ଆନୁଷଙ୍ଗିକ ସୁବିଧାଥିବା ପୃଥକ ଗୃହ ବ୍ୟବସ୍ଥା କରିବାକୁ ବଡିଓ ଓ ପୌରପାଳିକାର ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାର ସମସ୍ତ ଚିକିତ୍ସାଳୟ ଡାକ୍ତର ଓ ଷ୍ଟାଫମାନଙ୍କୁ ସଜାଗ ରହିବା, ଜ୍ୱର, କାଶ, ଛିଙ୍କରେ ଆକ୍ରାନ୍ତ କିମ୍ବା ଶ୍ୱାସକ୍ରିୟାରେ ଅସୁବିଧା ଭୋଗୁଥିବା ରୋଗୀଙ୍କୁ କିପରି କାଉନ୍‌ସେଲିଂ କରାଯିବ ଏବଂ ଚିକିତ୍ସା କରାଯିବ ସେ ସମ୍ପର୍କରେ ଡାକ୍ତରମାନଙ୍କୁ ସଚେତନ କରାଇବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ମୁଖ୍ୟ ଜିଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଔଷଧ ଦୋକାନମାନଙ୍କରେ ମାସ୍କ, ସାନିଟାଇଜର ଷ୍ଟକ ତନଖି କରିବା, ସ୍କ୍ୱାର୍ଡ ଗଠନ କରି କଳାବଜାରୀଙ୍କ ଉପରେ ଚଢ଼ାଉ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହୋଟେଲ୍ / ଲଜିଂରେ ରହୁଥିବା ବ୍ୟକ୍ତିମାନଙ୍କ ସଂପର୍କରେ ବିବରଣୀ ପ୍ରତିଦିନ ପ୍ରଦାନ କରିବା ପାଇଁ ଏବଂ ହୋଟେଲ୍‌ରେ ରହୁଥିବା ଯଦି କୌଣସି ବ୍ୟକ୍ତିଠାରେ ଜ୍ୱର, କାଶ, ଛିଙ୍କ ଲକ୍ଷଣ ଦେଖାଯାଏ ତୁରନ୍ତ ଏ ସମ୍ପର୍କରେ କଣ୍ଟ୍ରୋଲ୍‌ରୁମ୍ ଫୋନ୍ ନଂ-୦୬୭୬୬-୨୫୫୪୩୭ ଟୋଲ୍ ଫ୍ରି ନମ୍ବର-୧୦୭୭କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ବସ୍‌ମାଲିକମାନେ ବସ୍‌ଗୁଡିକୁ ପ୍ରତିଦିନ ୩/୪ଥର ଡେଟଲ/ ସାନିଟାଇଜରରେ ଭଲଭାବେ ସଫାସୁତୁରା ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅତିରିକ୍ତ ଜିଲାପାଳ ଡଃ ଭକ୍ତଚରଣ ପ୍ରଧାନ,ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ, ଜାତୀୟ ରାଜପଥ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସନ୍ତୋଷ କୁମାର ନାୟକ, ସିଡିଏମ୍‌ଓ ଡା. ଅଶୋକ ଦାଶ, ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଗୌରପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

### ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ



ବୈଠକରେ ଜିଲାପାଳ ଆଶିଷ ଠାକ୍‌ରେଙ୍କ ସହ ଉପସ୍ଥିତ ଅନ୍ୟ ଅଧିକାରୀ।

### କରୋନାକୁ ନେଇ ଗୁଜବ

କେନ୍ଦୁଝର ସହରରେ ସ୍ଥାନୀୟ ଏକ ମହାବିଦ୍ୟାଳୟର ଜଣେ ପିଜି ଛାତ୍ରୀ କରୋନାରେ ଆକ୍ରାନ୍ତ ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ନେଇ ମିଥ୍ୟା ଖବର ସୋସିଆଲ ମିଡିଆରେ ଭାଇରାଲ ହେବା ଘଟଣା ପ୍ରମୁଖ ଚର୍ଚ୍ଚାର ବିଷୟ ହୋଇଛି । ଏହାକୁ ନେଇ କେନ୍ଦୁଝର ସହରରେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା। ଏହା ମିଥ୍ୟା ବୋଲି ସମ୍ପୃକ୍ତ କଲେଜ ଓ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଣୁ ଗୁଜବକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

### ଖଣି ଅଞ୍ଚଳରେ ଚିନ୍ତା

ଜିଲାର ଖଣି ଅଞ୍ଚଳରେ ପ୍ରଶାସନିକ କଟକଣା ଠିକ ଲାଗି ପାରୁନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଖଣିଖାଦାନ ଓ ଅଫିସମାନଙ୍କରେ ବହୁ ରାଜ୍ୟ ବାହାରର ଶ୍ରମିକ ଓ କର୍ମଚାରୀ କାମ କରୁଛନ୍ତି । ସେହିପରି ଏହି ଅଞ୍ଚଳରୁ ବହୁ ସଂଖ୍ୟାରେ ଲୁହାପଥର ଅନ୍ୟ ଜିଲା ଓ ରାଜ୍ୟକୁ ପରିବହନ ହେଉଥିବାରୁ ଗାଡି ଚାଳକ, ହେଲପରଙ୍କ ଯିବା ଆସିବା ଲାଗିଛି। ଏଣୁ ସେମାନଙ୍କ ଜରିଆରେ କରୋନା ବ୍ୟାପିବା ଆଶଙ୍କା କରି ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଭୟ ଓ ଆଶଙ୍କା ଲାଗି ରହୁଛି । ଏଣୁ ଲୁହାପଥର ପରିବହନ ଉପରେ କଟକଣା ଲଗାଇବା ସହ ଖଣି ଅଞ୍ଚଳରେ ବ୍ୟବସାୟ କରୁଥିବା ବିଭିନ୍ନ କମ୍ପାନୀ ତଥା ଘରୋଇ ସଂସ୍ଥାମାନଙ୍କ ଅଫିସରେ କରୋନା ସମ୍ପର୍କିତ ସ୍ୱତନ୍ତ୍ର ଆଡଭାଇଜରି ଲାଗୁ କରାଯିବା ଜରୁରୀ ବୋଲି ବରିଷ୍ଠ ଆଇନଜୀବୀ ଜୟନ୍ତ କୁମାର ମହାନ୍ତି କହିଛନ୍ତି।

### ବଜାରରେ ଦରଦାମ ବୃଦ୍ଧି

କରୋନା ପାଇଁ ବହୁ ସଚେତନ ନାଗରିକ ଆଗାମୀ ଦିନରେ ଦରଦାମ ବୃଦ୍ଧି ପାଇବା ଏବଂ ଖାଦ୍ୟାଭାବ ଦେଖାଦେବା ଆଶଙ୍କା କରି ରାଶନ ସାମଗ୍ରୀ, ପନିପରିବା ଆଦି କିଣି ରଖୁଛନ୍ତି । କରୋନା ଭୟରେ ଓ ପ୍ରଶାସନର ୧୪୪ ଧାରା ଲାଗୁ ଭୟରେ ବହୁ ଚାଷୀ ପନିପରିବା ବିକିବାକୁ ବଜାରକୁ ଆସୁ ନ ଥିବାରୁ ପରିବା ଦର ଧୀରେ ଧୀରେ ବଢୁଥିବାରୁ ଏନେଇ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି । ମାସ୍କ ଓ ସାନିଟାଇଜର ବଜାରରୁ ଉଭାନ ହୋଇ ଯାଇଥିବାବେଳେ ଆଳୁ ଦର ୪ ଦିନରେ କୁଇଣ୍ଟାଲ ପିଛା ୧୨୦ ଟଙ୍କା ବଢିଯାଇଛି। ୧୪ ତାରିଖରେ ଦର ୧୨୨୦ ଟଙ୍କା ଥିବା ବେଳେ ୧୭ ତାରିଖରେ ୧୩୪୦ ରେ ପହଞ୍ଚିଛି। ସେହିପରି ସାମଗ୍ରୀ ତଥା ପନିପରିବା ଆମଦାନୀ କମୁଥିବା ଏବଂ ଲୋକମାନେ ଭବିଷ୍ୟତରେ ଅଭାବ ଦେଖାଦେବା ଆଶଙ୍କା କରି ଅଧିକ କିଣି ନେଉଥିବାରୁ ଅଭାବ ଦେଖାଦେବା ସହ ଦରଦାମ ବୃଦ୍ଧି ପାଇବା ଆଶଙ୍କା ଥିବାରୁ ଏନେଇ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି ।

### କଟକଣା ଲାଗୁ ସତ୍ତ୍ୱେ ଖୋଲୁଛି ଷ୍ଟାଡିୟମ

**କେନ୍ଦୁଝର, ୧୭।୩ (ସ୍ୱ.ପ୍ର.)**

କରୋନା ଭାଇରସ୍ ସଂକ୍ରମଣକୁ ପ୍ରତିରୋଧ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେଇଛନ୍ତି । ଜିମ୍‌ନାସିୟମ ହଲ, ସିନେମା ହଲ ଭଳି ଜନଗହଳିପୂର୍ଣ୍ଣ ସ୍ଥାନଗୁଡିକ ବନ୍ଦ କରିଛନ୍ତି। ଏନେଇ ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ କରି ୫ରୁ ଅଧିକ ଲୋକ ଏକାଠି ରୁଣ୍ଡ ନ ହେବାକୁ କୁହାଯାଇଛି । ତେବେ ଏହି ସତ୍ତ୍ୱେ କେନ୍ଦୁଝର ଷ୍ଟାଡିୟମ ଖୋଲା ରହିଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଷ୍ଟାଡିୟମରେ ଏଭଳି ଜନ ସମାଗମକୁ ନେଇ କେତେକ ଖେଳାଳି ମଙ୍ଗଳବାର ଜିଲାପାଳ ତଥା ସଭାପତି ଜିଲା କ୍ରୀଡ଼ା ସଂସ୍ଥାଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଜାତୀୟ ବିପତ୍ତି ଘୋଷଣା କରାଯାଇଥିବା ଓ ୧୪୪ ଧାରା ଲାଗୁ ହେବା ସତ୍ତ୍ୱେ କିପରି ଏହି ଷ୍ଟାଡିୟମକୁ ଖୋଲାଯାଇଛି ବୋଲି କ୍ରୀଡ଼ାବିତ୍ ନିର୍ମଳ ନାୟକ, ସଂଗ୍ରାମ ସାହୁ, ପ୍ରମୋଦ କୁମାର ରାଉତଙ୍କ ସମେତ ଅନ୍ୟ କ୍ରୀଡ଼ାବିତ୍‌ମାନେ ସୁରକ୍ଷା ଦୃଷ୍ଟି କୋଣରୁ ପ୍ରଶ୍ନ କରିବା ସହ ଏହାକୁ ବନ୍ଦ କରିବାକୁ ଦାବି କରିଛନ୍ତି ।

### ମୁକାବିଲା ପାଇଁ ଯୋଡ଼ାରେ ବୈଠକ

**ଯୋଡ଼ା,୧୭।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା କାର୍ଯ୍ୟାଳୟରେ ମଙ୍ଗଳବାର ପୂର୍ବାହ୍ନରେ ସହରର ବିଭିନ୍ନ ହୋଟେଲ ଏବଂ ଲଜ ମାଲିକମାନଙ୍କୁ ନେଇ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଇଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଯୋଡ଼ାର ହୋଟେଲ, ଜଳଖିଆଦୋକାନ, ଲଜ ସମେତ ବିଭିନ୍ନ ଦୋକାନୀମାନଙ୍କୁ ନେଇ କରୋନା ଭାଇରସର ସଂକ୍ରମଣରୁ କିପରି ରକ୍ଷା ମିଳିବ ଏ ନେଇ ଆଲୋଚନା ହୋଇଥିଲା। ସବୁ ନଜର ରଖିବାକୁ ଯୋଡ଼ା ପୌରପାଳିକା ପକ୍ଷରୁ ଏକ ସ୍କ୍ୱାଡ ଗଠନ କରିବା ପାଇଁ ପୌରପାଳିକା କର୍ମଚାରୀ ଦୋଳଗୋବିନ୍ଦ ସାହୁ, କଳାକର ସା, ରାମଚନ୍ଦ୍ର ପାତ୍ର, ସୁପ୍ରଭା ପାଣିଗ୍ରାହୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଭିନ୍ନ ୱାର୍ଡ ଅଫିସରେ ୧୪ଜଣଙ୍କୁ ନିୟୋଜିତ କରାଯାଇ ସ୍ୱଚ୍ଛ ସାଥି, ସୁପରଭାଇଜର, ସାନିଟେସନ ଇନ୍‌ସ୍ପେକ୍ଟରଙ୍କୁ ସହଯୋଗ କରିବା ସଙ୍ଗେ ସଙ୍ଗେ ତାଙ୍କ ୱାର୍ଡରେ ସମସ୍ତ ବିଦେଶୀଗତ ବ୍ୟକ୍ତିମାନଙ୍କ ସବିଶେଷ ବିବରଣୀ ସଂଗ୍ରହ କରି ପୌରକାର୍ଯ୍ୟାଳୟରେ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗଙ୍କ ନିର୍ଦ୍ଦେଶକ୍ରମେ ଯୋଡ଼ା ପୌରପାଳିକା ପକ୍ଷରୁ ୪୫୦ ବ୍ୟକ୍ତିଙ୍କ ପାଇଁ ଯୋଡ଼ା ପୌରପାଳିକା କଲ୍ୟାଣମଣ୍ଡପ ଓ ବୃଦ୍ଧାଶ୍ରମଠାରେ କ୍ୱାରେଣ୍ଟାଇନ ହାଉସର ବ୍ୟବସ୍ଥା କରାଯିବା ସହ ଚିକିତ୍ସା ସୁବିଧାର ବ୍ୟବସ୍ଥା କରାଯାଇଛି।

### ନାବାର୍ଡ ଡିଡିଏମ୍‌ଙ୍କ ଉଠା ଜଳସେଚନ ପ୍ରକଳ୍ପ ପରିଦର୍ଶନ



ଉଠାଜଳସେଚନ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି ଡିଡିଏମ ସୁଧାଂଶୁ ଶେଖର ଚାଉଳିଆ ।

**ଚମ୍ପୁଆ, ୧୭। ୩(ଡି.ଏନ.ଏ)**

ନାବାର୍ଡ ଡିଡିଏମ (ଡିଷ୍ଟ୍ରିକ୍ଟ ଡେଭଲପମେଣ୍ଟ ମ୍ୟାନେଜର) ସୁଧାଂଶୁ ଶେଖର ଚାଉଳିଆ ମଙ୍ଗଳବାର ଚମ୍ପୁଆ ବ୍ଲକର ଉଠାଜଳ ସେଚନ ପ୍ରକଳ୍ପ ପରିଦର୍ଶନ କରିବା ସହିତ ଚାଷୀମାନଙ୍କ ସହ ଚାଷ ବିଷୟରେ ପଚାରି ବୁଝିଥିଲେ। ସେ ଚାଉଳିଆ ନୂଆ ଗାଁ ଉଠାଜଳସେଚନ ପ୍ରକଳ୍ପ, ପତଳା ଉଠା ଜଳସେଚନ ପ୍ରକଳ୍ପ ସହିତ ଟିଆଁଶପଶି ଉଠା ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିଥିଲେ। କମ ପାଣିରେ ଚାଷକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେବା ସହିତ ଧାନଚାଷ ଅପେକ୍ଷା କମପାଣିରେ ପରିବା ଚାଷକଲେ କମ ଦିନରେ ଅଧିକ ଲାଭବାନ ହୋଇପାରିବ ବୋଲି ଚାଷୀଙ୍କୁ କହିଥିଲେ। ଚାଷୀ ଗୌର ମୁଣ୍ଡା, ଶ୍ୟାମ ପୂର୍ତ୍ତି, ଜିତେନ୍ଦ୍ର ମହାକୁଡ, ଜମାଦାର ମୁଣ୍ଡା, ଜୟରାମ ମୁଣ୍ଡା, ଗୌରମହାକୁଡ ପ୍ରମୁଖ ଚାଷୀଙ୍କ ସହ ଚାଷ ସମ୍ବନ୍ଧୀୟ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ନିର୍ବାହୀ ଯନ୍ତ୍ରୀ ନିହାର କାନ୍ତୀ ଦେହୁରୀ, ଚମ୍ପୁଆ ସହକାରୀ ଯନ୍ତ୍ରୀ ଇଂ ରମେଶ ନାୟକ ଓ ବୁଦ୍ଧୁରାମ ସାମାଡ ପ୍ରମୁଖ ଉପସ୍ଥିତ ଥିଲେ।

## କରୋନା ଲାଗି ସଚେତନତାମୂଳକ ପଦକ୍ଷେପ

**ଆନନ୍ଦପୁର,୧୭। ୩ (ସ୍ୱ.ପ୍ର.)**

ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର ଜିଲାରେ ଖଣ୍ଡ ପ୍ରଶାସନିକ ସ୍ତରରେ ପଦକ୍ଷେପ ଗ୍ରହଣ କରାଯାଇଛି। ଆନନ୍ଦପୁର ପୌରପରିଷଦ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଜିଲାରେ ଲାଗୁ ହୋଇଥିବା ୧୪୪ ଧାରା ସମ୍ପର୍କରେ ସୂଚନା ଦିଆଯିବା ସହିତ କୌଣସି ବ୍ୟକ୍ତି କଫ, ଜ୍ୱର କିମ୍ବା ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧାର ସମ୍ମୁଖୀନ ହେଲେ ଜିଲା ହେଲ୍ପ ଲାଇନ୍ ନଂ ୦୬୭୬୬-୨୫୫୪୩୭ ଏବଂ ଟୋଲ ଫ୍ରି ନଂ ୧୦୭୭ର ସହାୟତା ଲୋଡିବାକୁ କୁହାଯାଇଛି। ଏହା ସହିତ ଆନନ୍ଦପୁର ପୂର୍ତ୍ତ ବିଭାଗ ପକ୍ଷରୁ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ହାତ ଧୁଆ ବେସିନ୍ ଲଗାଇବାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆବଶ୍ୟକ ସ୍ଥଳେ ଟଏଲେଟ୍‌ର ବ୍ୟବସ୍ଥା, ମରାମତିର ବ୍ୟବସ୍ଥା ଗ୍ରହଣ କରାଯାଇଛି। ମୁଖ୍ୟ ଚିକିତ୍ସାଳୟରେ ୪ ଗୋଟି ହାତଧୁଆ ବେସିନ୍ ଲଗାଯାଇଥିବାବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୁଇ ଗୋଟି ହାତଧୁଆ ବେସିନ୍ ଲଗାଇବାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି କୋଭିଡ-୧୯କୁ ଦୃଷ୍ଟିରେ ରଖି ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଚିକିତ୍ସା ଗୃହ ଏବଂ ଏଥିପାଇଁ ଜଣେ ଡାକ୍ତରଙ୍କୁ ନିଯୁକ୍ତ କରାଯାଇଛି।

**ଚମ୍ପୁଆ, (ଡି.ଏନ.ଏ.)**

କରୋନା ଭାଇରସ ପ୍ରଭାବ ଏବେ ସାରା ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇଦେଇଥିବାବେଳେ ଭାରତରେ ଏହାକୁ ବିଶ୍ୱ ମହାମାରୀ ଘୋଷଣା କରାଯାଇଛି। ଏଥିପାଇଁ କୌଣସି ଔଷଧ ବାହାରି ନ ଥିବାବେଳେ କେବଳ ହାତଧୁଆ, କାଶ, ଛିଙ୍କ ଆଦି ବ୍ୟକ୍ତିଙ୍କଠାରୁ ଦୂରରେ ରହିବା ସହିତ ଏକାଠି ୫ ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତି ନ ରହିବା ପାଇଁ ସରକାରୀ ସ୍ତରରେ ଘୋଷଣା କରାଯାଇଛି। ମାତ୍ର ସ୍ଥାନୀୟ ଦୈନିକ ବଜାର ହାଟଗୁଡିକରେ ଏକତ୍ରିତ ଲୋକ ଭିଡ଼କୁ ଦେଖି ଚମ୍ପୁଆ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଏକ ସଚେତନ ରଥ ମଙ୍ଗଳବାର ସମ୍ପାଦକ ଦିଗାମ୍ବର ପ୍ରଧାନଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି। ଏହି ସଚେତନ କାର୍ଯ୍ୟ ସପ୍ତାହର ୭ ଦିନ ଚାଲିବା ସହିତ ଅଧୀନରେ ଥିବା ଚମ୍ପୁଆ, ରିମୁଳୀ, ପର୍ଶଳା, ଭୂଇଁପୁର, ଝୁମ୍ପୁରା, ଜୁରୁଡି, ଜୋଡ଼ା, ବାମେବାରୀ ଓ କଣ୍ଡରାଠାରେ ହେଉଥିବା ସାପ୍ତାହିକ ହାଟ ସହିତ ଚମ୍ପୁଆ ଓ ଝୁମ୍ପୁରା ଆଦି ଦୈନିକ ବଜାରରେ ସଚେତନ କରିବ ବୋଲି ପ୍ରଧାନ ସୂଚନା ଦେଇଛନ୍ତି। ଏହି ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା ପାଇଁ ବିଭିନ୍ନ ସଚେତନ ବାର୍ତ୍ତା ମାଇକ ଯୋଗେ ପ୍ରଚାର କରାଯାଉଛି। ଏହି କାର୍ଯ୍ୟକ୍ରମରେ କୁଞ୍ଜବିହାରୀ ପ୍ରଧାନ,ବଗଳ ଚନ୍ଦ୍ର ବେହେରା, ଚିନ୍ମୟ ସେଠୀ, ଗୋଲକ ଦେହୁରୀ ଓ ସୁଷମା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।


| କ୍ର. ସଂ. | ଜିଲ୍ଲାର ନାମ | ତହସିଲ/ ଥାନାର ନାମ | ଗ୍ରାମର ନାମ | ସର୍ଭେ ନଂ. | ଭୂମିର ବିସ୍ତାରିତ ବିବରଣୀ | ଭୂମିର କିସମ | କ୍ଷେତ୍ରଫଳ (ହେକ୍ଟର) |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୨୭୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୫୨ | ରୟତି | ଧାନ-୧ | ୦.୨୭୯ |
| ୨୭୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୫୩ | ରୟତି | ଧାନ-୧ | ୦.୩୨୨ |
| ୨୮୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୭୯ | ରୟତି | ଧାନ-୧ | ୦.୧୧୭ |
| ୨୮୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୦ | ରୟତି | ଧାନ-୧ | ୦.୧୬୦ |
| ୨୮୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୧ | ରୟତି | ଧାନ-୧ | ୦.୧୨୨ |
| ୨୮୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୭ | ରୟତି | ଧାନ-୧ | ୦.୩୬୭ |
| ୨୮୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୮୮ | ରୟତି | ଧାନ-୧ | ୦.୩୫୮ |
| ୨୮୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୧ | ରୟତି | ଧାନ-୧ | ୦.୩୫୩ |
| ୨୮୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୨ | ରୟତି | ଧାନ-୧ | ୦.୨୯୧ |
| ୨୮୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୯୯ | ରୟତି | ଡଙ୍ଗର-୨ | ୦.୦୫୩ |
| ୨୮୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୦ | ରୟତି | ଡଙ୍ଗର-୧ | ୦.୦୨୭ |
| ୨୮୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୨ | ରୟତି | ଡଙ୍ଗର-୨ | ୦.୦୦୩ |
| ୨୯୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୩ | ରୟତି | ଧାନ-୨ | ୦.୦୨୭ |
| ୨୯୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୪ | ରୟତି | ଧାନ-୧ | ୦.୨୬୮ |
| ୨୯୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୦୫ | ରୟତି | ଧାନ-୧ | ୦.୩୮୦ |
| ୨୯୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୪ | ରୟତି | ଧାନ-୧ | ୦.୨୬୬ |
| ୨୯୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୬ | ରୟତି | ଧାନ-୧ | ୦.୦୦୧ |
| ୨୯୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୭ | ରୟତି | ଧାନ-୧ | ୦.୧୦୪ |
| ୨୯୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୮ | ରୟତି | ଧାନ-୨ | ୦.୨୧୨ |
| ୨୯୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୧୯ | ସରକାରୀ | ପତିତ | ୦.୨୨୮ |
| ୨୯୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୨୦ | ରୟତି | ଧାନ-୨ | ୦.୧୮୧ |
| ୨୯୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୨୧ | ସରକାରୀ | ରାସ୍ତା | ୦.୧୨୦ |
| ୩୦୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୧୯୯ | ରୟତି | ଡଙ୍ଗର-୨ | ୦.୦୭୮ |
| ୩୦୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୧ | ରୟତି | ଡଙ୍ଗର-୨ | ୦.୧୫୦ |
| ୩୦୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୨ | ରୟତି | ଡଙ୍ଗର-୧ | ୦.୧୧୯ |
| ୩୦୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୦୩ | ରୟତି | ଡଙ୍ଗର-୧ | ୦.୦୮୪ |
| ୩୦୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୫ | ରୟତି | ଡଙ୍ଗର-୧ | ୦.୩୭୪ |
| ୩୦୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୬ | ରୟତି | ଡଙ୍ଗର-୧ | ୦.୫୦୪ |
| ୩୦୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୭ | ସରକାରୀ | ରାସ୍ତା | ୦.୧୩୪ |
| ୩୦୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୮ | ରୟତି | ଡଙ୍ଗର-୧ | ୦.୦୩୯ |
| ୩୦୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୨୯ | ରୟତି | ଡଙ୍ଗର-୧ | ୦.୦୧୦ |
| ୩୦୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୪ | ରୟତି | ଡଙ୍ଗର-୧ | ୦.୦୪୫ |
| ୩୧୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୫ | ସରକାରୀ | ପତିତ | ୦.୦୯୭ |
| ୩୧୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୬ | ରୟତି | ଧାନ-୨ | ୦.୨୯୯ |
| ୩୧୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୭ | ରୟତି | ଧାନ-୨ | ୦.୧୩୭ |
| ୩୧୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୮ | ରୟତି | ଧାନ-୨ | ୦.୩୨୨ |
| ୩୧୪ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୩୯ | ସରକାରୀ | ପତିତ | ୦.୧୫୩ |
| ୩୧୫ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୦ | ରୟତି | ଧାନ-୨ | ୦.୦୬୭ |
| ୩୧୬ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୩ | ରୟତି | ଧାନ-୨ | ୦.୧୦୧ |
| ୩୧୭ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୪ | ରୟତି | ଧାନ-୨ | ୦.୦୭୨ |
| ୩୧୮ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୫ | ରୟତି | ଡଙ୍ଗର-୧ | ୦.୧୪୩ |
| ୩୧୯ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୪୬ | ରୟତି | ଡଙ୍ଗର-୧ | ୦.୧୮୮ |
| ୩୨୦ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୭ | ରୟତି | ଧାନ-୧ | ୦.୧୩୭ |
| ୩୨୧ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୮ | ରୟତି | ଧାନ-୧ | ୦.୦୨୧ |
| ୩୨୨ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୨୫୯ | ରୟତି | ଡଙ୍ଗର-୧ | ୦.୦୨୪ |
| ୩୨୩ | କୋରାପୁଟ | କୋଟପାଡ଼ | ମିରିଗୁଡ଼ା | ୭୭୪ | ରୟତି | ଧାନ-୧ | ୦.୧୨୧ |
| ୩୨୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୫ | ରୟତି | ଧାନ-୨ | ୦.୦୮୧ |
| ୩୨୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୭ | ସରକାରୀ | ରାସ୍ତା | ୦.୦୬୧ |
| ୩୨୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୮ | ରୟତି | ଧାନ-୨ | ୦.୧୦୪ |
| ୩୨୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୫୯ | ରୟତି | ଧାନ-୨ | ୦.୪୭୫ |
| ୩୨୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୦ | ରୟତି | ଧାନ-୨ | ୧.୨୯୮ |
| ୩୨୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୨ | ରୟତି | ଧାନ-୨ | ୦.୦୦୧ |
| ୩୩୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୩ | ରୟତି | ଧାନ-୨ | ୦.୪୩୬ |
| ୩୩୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୬୫ | ରୟତି | ଧାନ-୨ | ୦୨୫୮ |
| ୩୩୨ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୭୮ | ରୟତି | ଧାନ-୨ | ୦୦୬୫ |
| ୩୩୩ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୭୯ | ରୟତି | ଧାନ-୨ | ୦୦୪୬ |
| ୩୩୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୮୦ | ରୟତି | ଧାନ-୨ | ୦୮୭୨ |
| ୩୩୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୮୧ | ରୟତି | ଧାନ-୨ | ୦୪୩୦ |
| ୩୩୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୯୦ | ସରକାରୀ | ରାସ୍ତା | ୦୦୫୫ |
| ୩୩୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୦ | ରୟତି | ଧାନ-୨ | ୦୪୪୧ |
| ୩୩୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୧ | ରୟତି | ଧାନ-୨ | ୦୨୨୭ |
| ୩୩୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୨ | ରୟତି | ଧାନ-୨ | ୦୦୨୯ |
| ୩୪୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୩ | ରୟତି | ଧାନ-୨ | ୦୦୧୧୩ |
| ୩୪୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୪ | ରୟତି | ଧାନ-୨ | ୦୪୭୩ |
| ୩୪୨ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୦୫ | ରୟତି | ଧାନ-୨ | ୦୦୬୫ |
| ୩୪୩ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୪୪ | ରୟତି | ଧାନ-୨ | ୦୦୭୪ |
| ୩୪୪ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୪୫ | ସରକାରୀ | ରାସ୍ତା | ୦୦୧୬ |
| ୩୪୫ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୩ | ରୟତି | ଧାନ-୨ | ୦୦୬୦ |
| ୩୪୬ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୬ | ରୟତି | ଧାନ-୨ | ୦୫୩୩ |
| ୩୪୭ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୭ | ରୟତି | ଧାନ-୨ | ୦୩୮୧ |
| ୩୪୮ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୮ | ରୟତି | ଧାନ-୨ | ୦୨୨୮ |
| ୩୪୯ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୫୯ | ରୟତି | ଧାନ-୨ | ୦୦୯୩ |
| ୩୫୦ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୬୦ | ରୟତି | ଧାନ-୨ | ୦୦୧୦ |
| ୩୫୧ | କୋରାପୁଟ | କୋଟପାଡ଼ | ନାରାହାଣ୍ଡି | ୧୬୫ | ରୟତି | ଧାନ-୨ | ୦୨୧୯ |
| ୩୫୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୨୮ | ରୟତି | ଧାନ-୨ | ୦୬୧୨ |
| ୩୫୩ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୨୯ | ରୟତି | ଧାନ-୨ | ୦୫୬୮ |
| ୩୫୪ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୩୩ | ରୟତି | ଧାନ-୨ | ୦୪୦୯ |
| ୩୫୫ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୦ | ରୟତି | ଧାନ-୧ | ୦୦୫୯ |
| ୩୫୬ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୧ | ରୟତି | ଧାନ-୧ | ୦୨୮୧ |
| ୩୫୭ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୨ | ରୟତି | ଧାନ-୧ | ୦୧୭୦ |
| ୩୫୮ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୩ | ରୟତି | ଧାନ-୧ | ୦୫୯୧ |
| ୩୫୯ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୪୪ | ରୟତି | ଧାନ-୧ | ୦୮୫୭ |
| ୩୬୦ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୩ | ରୟତି | ଧାନ-୧ | ୦୨୪୩ |
| ୩୬୧ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୪ | ରୟତି | ଧାନ-୧ | ୦୧୩୨ |
| ୩୬୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୭୫ | ରୟତି | ଧାନ-୧ | ୦୧୬୫ |
| ୩୬୩ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୪ | ରୟତି | ଧାନ-୧ | ୦୦୮୮ |
| ୩୬୪ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୫ | ରୟତି | ଧାନ-୨ | ୦୦୩୯ |
| ୩୬୫ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୬ | ରୟତି | ଧାନ-୨ | ୦୧୭୭ |
| ୩୬୬ | କୋରାପୁଟ | କୋଟପାଡ଼ | ସୋରିଗାଁ | ୧୮୭ | ରୟତି | ଧାନ-୨ | ୦୫୫୧ |
| ୩୬୭ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୧୯ | ରୟତି | ଡଙ୍ଗର-୧ | ୦୨୩୫ |
| ୩୬୮ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୦ | ରୟତି | ଧାନ-୨ | ୦୦୫୦ |
| ୩୬୯ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୧ | ରୟତି | ଧାନ-୨ | ୦୧୪୯ |
| ୩୭୦ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୨ | ରୟତି | ଧାନ-୨୧ | ୦୨୫୯ |
| ୩୭୧ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୫ | ରୟତି | ଧାନ-୧ | ୦୬୭୩ |
| ୩୭୨ | କୋରାପୁଟ | କୋଟପାଡ଼ | ସୋରିଗାଁ | ୨୨୯ | ସରକାରୀ | ରାସ୍ତା | ୦୦୯୮ |

ସ୍ୱା./- ଡେପୁଟି କଲେକ୍ଟର (ରାଜସ୍ୱ) ତଥା ଭୂ-ଅର୍ଜନ ଅଧିକାରୀ
(କ୍ଷମତାପ୍ରାପ୍ତ ଅଧିକାରୀ) କୋରାପୁଟ
ଜାତୀୟ ରାଜପଥ-୨୬, କୋରାପୁଟ ଜିଲ୍ଲା

OIPR-24176/14/0001/1920